بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା 24-25

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ୍ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

16-23 ଜୁନ 2022 | 16-23 ଏହ୍‌ସାନ୍ 1401 ହି.ଶ | 15-22 ଜୁଲ୍‌କାଦାଃ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

قُلۡ مَنۡ یُّنَجِّیۡکُمۡ مِّنۡ ظُلُمٰتِ الۡبَرِّ وَالۡبَحۡرِ تَدۡعُوۡنَہٗ تَضَرُّعًا وَّخُفۡیَۃً ۚ لَئِنۡ اَنۡجٰنَا مِنۡ ہٰذِہٖ لَنَکُوۡنَنَّ مِنَ الشّٰکِرِیۡنَ (الانعام:64)

ଅନୁବାଦ- ତୁମ୍ଭେ (ସେମାନଙ୍କୁ) କୁହ, ''କିଏ ତୁମମାନଙ୍କୁ ସ୍ଥଳଭାଗ ଓ ଜଳଭାଗସ୍ଥ ବିପଦରୁ ରକ୍ଷା କରନ୍ତି, ଯେତେବେଳେ ତୁମେମାନେ ତାହାଙ୍କୁ ବିନୀତ ଭାବରେ ଓ ଗୋପନରେ ଡ଼ାକ ଯେ ଯଦି ସେ ଆମମାନଙ୍କୁ ଏହି ବିପଦରୁ ଉଦ୍ଧାର କରିବେ ତେବେ ଆମେମାନେ ନିଶ୍ଚୟ କୃତଜ୍ଞ ହେବୁ ।''

*(ଅଲ ଅନାମ:୬୪)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ମଣିଷର ଯେଉଁ ଦୃବଳତା ରହିଛି,ତାହାର କଛି ଠିକଣା ହିଁ ନାହିଁ । ସେ ଗୋଟିଏ ପାଦ ବି ଅଲ୍ଲାଃତାଲାଙ୍କ ଅନୁଗ୍ରହ ଓ ସମର୍ଥନ ବିନା ଚାଲିପାରିବ ନାହିଁ । ଯେବେ ସେ ଏତେ ଦୃବଳରତାର ସମାହାର ତାହେଲେ ତାପାଇଁ ଶାନ୍ତି ଓ ସ୍ଥିରତାର ଏକମାତ୍ର ଉପାୟ ହେଉଛି ଏହା କି ଖୁଦାତାଲାଙ୍କ ନିକଟରେ ତାର ମାମଲା ସଫା ହୋଇଯାଉ ଏବଂ ସେ ତାହାଙ୍କ ସଚ୍ଚା ତଥା ଆନ୍ତରିକ ଭକ୍ତ ହୋଇଯାଉ । ଏଥିସକାଶେ ଏହା ଜରୁରୀ ଯେ ସେ ସତ୍ୟକୁ ଗ୍ରହଣ କରୁ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ଫାନିଫିଲ୍ଲାଃଙ୍କ ସ୍ଥାନ(ଅର୍ଥାତ୍ ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗ ହୋଇଥିବା ଲୋକର ପଦମର୍ଯ୍ୟାଦା)

ଅଲ୍ଲାଃତାଲାଙ୍କ ଅନୁଗ୍ରହ ଓ ସମର୍ଥନ ବିନା ମଣିଷ କିଛି ବି କରିପାରିବ ନାହିଁ । ଯେବେ ଅଲ୍ଲାଃତାଲାଙ୍କ ଆଡକୁ ମଣିଷ ଆକର୍ଷିତ ହୋଇଥାଏ ଏବଂ ଅଲ୍ଲାଃଙ୍କଠାରେ ହିଁ ଲୀନ ହୋଇଯାଏ,ସେତେବେଳେ ତହାଦ୍ୱାରେ ଏମିତି କାମ ସମ୍ପାଦିତ ହୋଇଥାଏ ଯାହାକୁ ଈଶ୍ୱରୀୟ କାର୍ଯ୍ୟ କୁହାଯାଏ । ତାଉପରେ ଉଚ୍ଚରୁ ଉଚ୍ଚତର ଜ୍ୟୋତି ପ୍ରକଟ ହେବାକୁ ଲାଗେ । ମଣିଷର ଯେଉଁ ଦୃବଳତା ରହିଛି,ତାହାର କଛି ଠିକଣା ହିଁ ନାହିଁ । ସେ ଗୋଟିଏ ପାଦ ବି ଅଲ୍ଲାଃତାଲାଙ୍କ ଅନୁଗ୍ରହ ଓ ସମର୍ଥନ ବିନା ଚାଲିପାରିବ ନାହିଁ । ମୁଁ ତ ଏଥିରେ ଏତେ ମାତ୍ରାରେ ବିଶ୍ୱାସ ରଖିଛି ଯେ ଯଦି ତାକୁ ଖୁଦାତାଲାଙ୍କ ତରଫରୁ ସାହାଯ୍ୟ ଓ ସହଯୋଗ ନ ମିଳେ ତାହେଲେ ସେ ମଳତ୍ୟାଗ କରିବା ପରେ ପାଇଜାମାର ଅଂଟାବନ୍ଧା ରସିକୁ ବି ବାନ୍ଧିବା ପାଇଁ ଶକ୍ତି ପାଇପାରିବ ନାହିଁ । ଡାକ୍ତରମାନେ ଗୋଟିଏ ରୋଗ ବିଷୟରେ ଉଲ୍ଲେଖ କରଛନ୍ତି ଯେ ସେଥିରେ ମଣିଷ ଗୋଟିଏ ଛିଙ୍କ ମାରିବାରେ ହିଁ ଶେଷ ହୋଇଯିବ ।ଏକଥା ମନେରଖ ଯେ ମଣିଷ ହେଉଛି ନିଶ୍ଚିତ ରୂପେ ଦୁର୍ବଳତାର ଏକ ସମାହାର । ସେଥିପାଇଁ ସର୍ବଶକ୍ତିମାନ ପରମେଶ୍ୱର କହିଛନ୍ତି **ଖୁଲିକଲ୍ ଇନ୍‌ସାନା ଜଇଫା (ଅଲ୍ ନିସା :୨୯)** ତା ନିଜର ତ କିଛି ବି ନାହିଁ । ତା ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଯେତେ ଅଙ୍ଗପ୍ରତ୍ୟଙ୍ଗ ନାହିଁ ,(ତାଠାରୁ ଅଧିକ) ରୋଗ ତାଠାରେ ରହଛି । ଯେବେ ସେ ଏତେ ଦୃବଳରତାର ସମାହାର ତାହେଲେ ତାପାଇଁ ଶାନ୍ତି ଓ ସ୍ଥିରତାର ଏକମାତ୍ର ଉପାୟ ହେଉଛି ଏହା କି ଖୁଦାତାଲାଙ୍କ ନିକଟରେ ତାର ମାମଲା ସଫା ହୋଇଯାଉ ଏବଂ ସେ ତାହାଙ୍କ ସଚ୍ଚା ତଥା ଆନ୍ତରିକ ଭକ୍ତ ହୋଇଯାଉ । ଏଥିସକାଶେ ଏହା ଜରୁରୀ ଯେ ସେ ସତ୍ୟକୁ ଗ୍ରହଣ କରୁ । ଶାରିରୀକ କଳ(ଅର୍ଥାତ ଭୌତିକ ପ୍ରଣାଳୀ) ବି ସତ୍ୟ ଉପରେ ଆଧାରିତ । ଯେଉଁଲୋକମାନେ ସତ୍ୟକୁ ପରିତ୍ୟାଗ କରୁଛନ୍ତି ଏବଂ ବିଶ୍ୱାସଘାତକତା କରି ମିଛକୁ ଅପରାଧର ଆଶ୍ରୟସ୍ଥଳୀ ରୂପେ ବିବେଚନା କରୁଛନ୍ତି ସେମାନେ ଭିଷଣ ଭୂଲ କରୁଛନ୍ତି ।

### ମିଥ୍ୟା କହିବା ଦ୍ୱାରା ମଣିଷର ହୃଦୟ ଅନ୍ଧକାର ହୋଇଯାଏ

ଏଥିରେ ମଣିଷକୁ ଅସ୍ଥାୟୀ ତଥା ସାମୟିକ ଲାଭ ତ ହୋଇପାରେ , କିନ୍ତୁ ବାସ୍ତବିକତା ହେଉଛି ଏହା କି ମିଥ୍ୟାକୁ ଗ୍ରହଣ କରିବା ଦ୍ୱାରା ମଣିଷର ହୃଦୟ ଅନ୍ଧକାର ହୋଇଯାଏ ଓ ଭିତରେ ଭିତରେ ତାକୁ ଏକପ୍ରକାରର ଉଇ ଲାଗିଯାଏ । ଗୋଟିଏ ମିଛ ପାଇଁ ତାକୁ ଅନେକ ମିଛ କହିବାକୁ ପଡିଥାଏ । କାରଣ ତାକୁ ସେହି ମିଛକୁ ସତ୍ୟ ପ୍ରମାଣିତ କରିବାକୁ ପଡିଥାଏ । ଅତେବ ଏହିପରି ଭିତରେ ଭିତରେ ତାହାର ଚାରିତ୍ରିକ ତଥା ଆଧ୍ୟାତ୍ମିକ ଶକ୍ତିର ଅବନତି ଘଟିଥାଏ । ପୁଣି ତାହାର ସାହସ ଏତେ ବଢିଯାଇଥାଏ ଯେ ସେ ଖୁଦାତାଲାଙ୍କ ଉପରେ ବି ଆରୋପ ଲଗାଇବାକୁ ପଛଘୁଂଚା ଦେଇନଥାଏ ଏବଂ ଖୁଦାତାଲାଙ୍କ ଦୂତ ତଥା ଖୁଦାତାଲାଙ୍କ ଦ୍ୱାରା ନିଯୋଜିତ ଅବତାରମାନଙ୍କୁ ମଧ୍ୟ ଅସ୍ୱୀକାର କରିଦେଇଥାଏ । ସୁତରାଂ ସେ ଖୁଦାତାଲାଙ୍କ ନିକଟରେ **ଅଜଲମ୍** (ଅର୍ଥାତ ସବୁଠାରୁ ବଡ ଅତ୍ୟାଚାରୀ)ଭାବରେ ବିବେଚିତ ହୋଇଥାଏ । ଯେମିତି କି ଖୁଦାତାଲା କହିଛନ୍ତି **ମନ୍ ଅଜଲମୁ ମିମ୍ମନିଫ୍‌ତରା ଅଲଲ୍ଲାହି କଜିବନ୍ ଅଓ କଜ୍ଜବା ବିଆୟାତିହି (ସୁରଃ ଅଲ୍‌ଅନାମ୍ :୨୧)** ଅର୍ଥାତ୍ ତାଠାରୁ ଅଧିକା ଅତ୍ୟାଚାରୀ ଆଉ କିଏ ହୋଇପାରେ , ଯିଏ ଅଲ୍ଲାଃତାଲାଙ୍କ ପ୍ରତି ମିଥ୍ୟା ରଚନା କରିଥାଏ ବା ତାହାଙ୍କର ନିଦର୍ଶନଗୁଡିକ ପ୍ରତି ମିଥ୍ୟାରୋପ କରିଥାଏ । ନିଶ୍ଚିତ ରୂପେ ଏକଥାକୁ ମନେରଖ ଯେ ମିଥ୍ୟା ବହୁତ ଖରାପ ଜିନିଷ । ଏହା ମଣିଷକୁ ଧ୍ୱଂସ କରିଦେଇଥାଏ । ଏହାଠାରୁ ଅଧିକା ମିଥ୍ୟାର ବିପଦପୂର୍ଣ୍ଣ ପରିଣାମ କ'ଣ ହୋଇପାରେ ଯେ ମଣିଷ ଖୁଦାତାଲାଙ୍କ ଦୂତ ଓ ତାହାଙ୍କ ନିଦର୍ଶନଗୁଡିକୁ ଅସ୍ୱୀକାର କରି ଦଣ୍ଡର ଅଧିକାରୀ ହୋଇଯାଉଛି । ସୁତରାଂ ସତ୍ୟକୁ ଗ୍ରହଣ କର । ***(ମଲଫୁଜାତ୍ ଖ-୦୧ ପୃ-୩୩୩ ମୁଦ୍ରିତ ୨୦୧୮ କାଦିଆନ୍)***

## ନବୀ ସ:ଆ:ସଙ୍କ ବାଣୀ

### ଭିକ ମାଗିବାକୁ ନିନ୍ଦା ତଥା ସେଥିରୁ ନିବୃତ ରହିବାପାଇଁ ଆଦେଶ

(୧୪୮୦) ହଜରତ୍ ଅବୁ ହୁରୈରାଃ ର ଅ ଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବି କରିମ୍ ସ ଆ ସ କହିଲେ : -ତୁମମାନଙ୍କ ମଧ୍ୟରୁ ଜଣେ ନିଜର ଦଉଡିକୁ ସାଥିରେ ଧରି ସାକାଳବେଳା ପାହାଡ ଆଡକୁ ଯାଉ ଏବଂ କାଠ ଏକାଠି କରୁ । ସେହି କାଠକୁ ବିକ୍ରୀ କରି ଗୁଜୁରାଣ ମେଂଟାଉ ଓ ସେଥିରୁ ସଦ୍‌କାଃ (ଦାନ ଖଇରାତ୍)ବି ଦେଉ । ମାଗିବା ଠାରୁ ଏପରି କରିବା ତା ପାଇଁ ଉତମ ।

### ସଦକାଃ କରାଯାଇଥିବା ଜିନିଷକୁ ପୁନର୍ବାର କିଣିବା ପାଇଁ ବାରଣ କରାଯାଇଛି ।

(୧୪୮୯) ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଉମର୍ ର ଅ ବର୍ଣ୍ଣନା କରିଛନ୍ତି ଯେ ହଜରତ୍ ଉମର୍ ବିନ୍ ଖତାବ୍ ର ଅ ଅଲ୍ଲାଃତାଲାଙ୍କ ମାର୍ଗରେ ଗୋଟିଏ ଘୋଡା ସଦକାଃ ଦେଲେ । ପୁଣି ସେ ତାକୁ ବିକ୍ରୀ ହେଉଥିବାର ଦେଖି କିଣିବାକୁ ଚାହିଁଲେ । ସୁତରାଂ ସେ ନବି ସ ଆ ସ ଙ୍କ ନିକଟକୁ ଆସି ଏଥି ସକାଶେ ଅନୁମତି ଲୋଡିଲେ । ମହାଭାଗ ସ ଆ ସ କହିଲେ ନିଜ ସଦକାଃକୁ ଫେରାଇ ନିଅ ନାହିଁ ।

*(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍ ମୁଦ୍ରିତ କାଦିଆନ୍ ୨୦୦୮)*

ଯଦି ମଣିଷର ଜୀବନ କେବଳ ଏହି ଦୁନିଆ ଭିତରେ ଶେଷ ହୋଇଯାଉଥାଏ ତାହେଲେ ସତେ ଯେପରି ଏତେ ବଡ ଦୁନିଆକୁ ଅଲ୍ଲାଃତାଲା କେବଳ ଏଇଥିପାଇଁ ତିଆରିକରିଛନ୍ତି ଯେ ମଣିଷ ଏଥିରେ ଜନ୍ମ ହୋଇ କିଛିଦିନ ଖିଆପିଆ କରି ପୁଣି ମରିଯାଉ । ଏପରି ଧାରଣା ସଂପୂର୍ଣ୍ଣ ଅଯୌକ୍ତିକ ।

ସୟଦନା ହଜରତ୍ ମୁସଲେହ୍ ମଉଦ ର ଅ ସୁରଃ ଅଲହିଜର୍ ଆୟତ ନଂ-୮୬ ***ୱମା ଖଲକ୍‌ନସ୍ ସମାଓ୍ୱାତି ୱଲ ଅର୍‌ଜା ୱମା ବୈନହୁମା ଇଲ୍ଲା ବିଲ୍ ହକ୍କି । ୱ ଇନ୍ନସ୍ ସାଅତା ଲଆତିୟତୁନ୍ ଫସ୍‌ଫହିସ୍ ସଫ୍‌ହଲ୍ ଜମିଲ୍*** ର ବ୍ୟାଖ୍ୟା କରି କହିଛନ୍ତି :

ଅର୍ଥାତ୍ ଆକାଶ ତଥା ପୃଥିବୀର ସୃଷ୍ଟି ବିଷୟରେ ଚିନ୍ତା ତ କର । କ'ଣ ଏହା ଉଦ୍ଦେଶ୍ୟହୀନ ଦେଖାଯାଉଅଛି କି । ଏହି କାରଖାନା ଉପରେ ଦୃଷ୍ଟିନିକ୍ଷେପ କରି ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଏକଥା ବୁଝି ପାରିବେ ଯେ ଏତେ ବଡ ବିଶାଳ ବ୍ୟବସ୍ଥାର ଉଦ୍ଦେଶ୍ୟ କ'ଣ ଓ ଏହାର ନିଷ୍କର୍ଷ ବାହାର କରିପାରିବେ ଯେ **ସାଅତ୍** ନିଶ୍ଚିତ ଆସିବାକୁ ଅଛି । **ସାଅତ୍** ଶବ୍ଦଟି କୟାମତ୍ ପାଇଁ ବି ବ୍ୟବହାର ହୋଇଥାଏ ଏବଂ ସେହି ପ୍ରତିଶୃତ ସମୟ ପାଇଁ ମଧ୍ୟ, ଯାହା ଅମ୍ବିୟାମାନଙ୍କ ଶତୃମାନଙ୍କର ବିଧ୍ୱଂସ ତଥା ସେମାନଙ୍କ ଉପରେ ବିଶ୍ୱାସ ଆଣିଥିବା ଲୋକମାନଙ୍କର ଉନ୍ନତି ନିମନ୍ତେ ଧାର୍ଯ୍ୟ ହୋଇଥାଏ । ଆୟତର ପ୍ରଥମ ଭାଗ ଏହି ଦୁଇଟି ସାଅତ୍ (ଘଂଟା/ସମୟ)ପାଇଁ ଏକ ପ୍ରମାଣ ଅଟେ । ପୃଥିବୀ ଓ ଆକାଶର ସୃଷ୍ଟି ବି କୟାମତର ପ୍ରମାଣ ଅଟେ । ସେହିପରି ନବିମାନଙ୍କର ସଫଳତା ଏବଂ ତାଙ୍କ ଶତୃମାନଙ୍କ ବିନାଶ ମଧ୍ୟ ।

କୟାମତ୍ ଏପରି କି ଯଦି ମଣିଷର ଜୀବନ କେବଳ ଏହି ଦୁନିଆ ଭିତରେ ହିଁ ଶେଷ ହୋଇଯାଉଥାଏ ତାହେଲେ ସତେ ଯେପରି ଏତେ ବଡ ଦୁନିଆକୁ ଅଲ୍ଲାଃତାଲା କେବଳ ଏଇଥିପାଇଁ ତିଆରିକରିଛନ୍ତି ଯେ ମଣିଷ ଏଥିରେ ଜନ୍ମ ହୋଇ କିଛିଦିନ ଖିଆପିଆ କରୁ ଓ ପୁଣି ମରିଯାଉ । ଏପରି ଧାରଣା ସଂପୂର୍ଣ୍ଣ ଅଯୌକ୍ତିକ । ଏତେ ବଡ ବ୍ୟବସ୍ଥାକୁ ସୃଷ୍ଟିକରିବା ଗୋଟିଏ ବଡ ଉଦ୍ଦେଶ୍ୟ ପାଇଁ ହିଁ ହୋଇପାରେ ଓ ସେହି ଉଦ୍ଦେଶ୍ୟ ପୂରଣ ହେବା ଏ ଦୁନିଆରେ ନଜର ଆସୁନାହିଁ । ତେଣୁ ଏହା ଜରୁରୀ ଯେ ମଣିଷଜୀବନ ଏ ଦୁନିଆର ଜୀବନରେ ହିଁ ଶେଷ ନ ହୋଇଯାଉ ବରଂ ଏହି ନିଜାମ୍ (ବ୍ୟବସ୍ଥା)ର ମହାନତା ମୁତାବକ ଗୋଟିଏ ବଡ ଲମ୍ବା ସମୟ ପର୍ଯ୍ୟନ୍ତ ଜାରି ରହୁ । ଯେଉଁଥିରେ ସେ ଏପରି ଗୋଟିଏ ଉଚ୍ଚସ୍ଥାନକୁ ଅଧିଗ୍ରହଣ କରିନେଉ ଯାହା ଏହି ନିଜାମର ମହାନତାର ପରିପନ୍ଥି ହୋଇଥିବ ।

ଯଦି ଚିନ୍ତାକରାଯାଏ ତାହେଲେ ସମଗ୍ର ନିଜାମ(ବ୍ୟବସ୍ଥା)କୁ ତ ଛାଡନ୍ତୁ , ଅଲ୍ଲାଃତାଲା ଛୋଟରୁ ଛୋଟ ଜିନିଷରେ ବି ଏମିତି ରହସ୍ୟ ରଖିଦେଇଛନ୍ତି ଯେ ତାହା ଶେଷ ହେବାର ନାଁ ଧରୁନାହିଁ । ମଣିଷର ଶରୀରକୁ ନିଅନ୍ତୁ । ଏହାର ଗଠନ ବ୍ୟବସ୍ଥା କେଡେ ଅଦ୍ଭୁତ । ହଜାର୍ ହଜାର୍ ଲକ୍ଷ ଲକ୍ଷ ଡାକ୍ତର ତଥା ପ୍ରବୀଣ ଜ୍ଞାନୀ ବିଦୁଷକ ମାନେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଲାଗିରହିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଏ ବିଷୟରେ ବିଶେଷ କିଛି ଆୟତ କରିପାରିନାହାନ୍ତି , ଯାହା ମଣିଷ ଶରୀର ସହିତ ସମ୍ବନ୍ଧିତ ରହିଛି । ପବିତ୍ର କୁରଆନ୍ ଅବତୀର୍ଣ୍ଣ ହେବା ଯୁଗ ପରେ ୟୁରୋପ ବିଜ୍ଞାନରେ ବେଶ ଉନ୍ନତି କରିସାରିଛି । କିନ୍ତୁ ଏପର୍ଯ୍ୟନ୍ତ ମଣିଷ ଶରୀର ସମ୍ବନ୍ଧରେ ସମ୍ପୂର୍ଣ୍ଣ ଜ୍ଞାନ ଆହାରଣ କରିପାରିନାହିଁ । ତାହେଲେ ପୁଣି ଏତେବଡ ବିଶାଳ କାନୁନ୍ ଉପରେ ଯେଉଁ ଅସ୍ତିତ୍ୱର ଆଧାର ରଖାଯାଇଅଛି ,ତାହାର ସୃଷ୍ଟିର ଉଦ୍ଦେଶ୍ୟକୁ ଏତେ ମାତ୍ରାରେ ନ୍ୟୁନ ମଣିବା ଯେମିତିକି କୟାମତକୁ ଅସ୍ୱୀକାର କରୁଥିବା ଲୋକମାନେ ମଣିଥାନ୍ତି , ଏହାକୁ କିପରି ଯୁକ୍ତି ଯୁକ୍ତ ବୁଝାଯାଇପାରେ ।

ସେହିପରି ଏହି ନିଜାମ୍ (ବ୍ୟବସ୍ଥା)ଅମ୍ବିୟାମାନଙ୍କର ସଫଳତା ଓ ସେମାନଙ୍କ ଶତୃମାନଙ୍କ ବିନାଶକୁ ବି ପ୍ରମାଣ କରିଥାଏ । ପୃଥିବୀକୁ ଆକାଶଠାରୁ ଅଲଗା କରିଦିଅ । ପୁଣି ଦେଖ ତାହାର ଅବସ୍ଥା କଣ ହେଉଛି । ତାହା ଗୋଟିଏ ଦିନ ବି ତିଷ୍ଠିପାରିବ ନାହିଁ । ଅତେବ ଯେଉଁମାନେ ଏକଥା ଭାବୁଛନ୍ତି ଯେ ଆଧ୍ୟାତ୍ମିକ ଆକାଶରୁ ବିଛିନ୍ନ ହୋଇ ବଂଚିରହିବେ ବୋଲି ସେମାନେ କେଡେ ଅନ୍ଧ ଅଛନ୍ତି । ଯେଉଁଭଳି ଏହି ପୂର୍ଣ୍ଣ ନିଜାମ(ବ୍ୟବସ୍ଥା)ର ଅଂଶବିଶେଷ ହୋଇ ଏହି ପୃଥିବୀ ସୁରକ୍ଷିତ ରହିପାରେ ସେହିଭଳି ଆଧ୍ୟାତ୍ମିକ ବ୍ୟବସ୍ଥାର ଅଂଶବିଶେଷ ହୋଇ ହିଁ ମଣିଷ ବିନାଶରୁ ବଂଚିପାରେ । ନଚେତ୍ ବଂଚିବାର ଆଉ କୌଣସି ଉପାୟ ହିଁ ନାହିଁ । ବିଶେଷ ଭାବରେ ଯେବେ ସେ ଏହି ବ୍ୟବସ୍ଥା ଉପରେ ଆକ୍ରାମଣାତ୍ମକ ଆଚରଣ କରିଥାଏ ସେତେବେଳେ ତାର ବଂଚିବା ଅସମ୍ଭବ । ସୁତରାଂ ନବି କରିମ୍ ସ ଆ ସ ଙ୍କୁ ଅମାନ୍ୟକରୁଥିବା ଲୋକମାନଙ୍କୁ ଏହା ବତାଇଦିଆଯାଇଅଛି ଯେ ଆଧ୍ୟାତ୍ମିକ ଆକାଶରୁ ବିଛିନ୍ନ ହୋଇଯିବା ଦ୍ୱାରା ସେମାନଙ୍କର ଜିନିଷ କୌଣସି କାମରେ ଆସିବ ନାହିଁ ବରଂ ଏବେ ସେମାନଙ୍କର ବିନାଶ ଓ ମୁସଲମାନମାନଙ୍କ ବିକାଶ (ଉନ୍ନତି)ର ସମୟ ଆସି ଉପନିତ ହୋଇଯାଇଛି ।

***(ତଫସୀର୍ କବୀର୍ ଖ-୦୩୪ ପୃ-୧୦୭, ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

**ମହିଳାମାନଙ୍କୁ ପବିତ୍ର କୁରଆନ୍ ର ଯେଉଁ ଅଂଶ ଅର୍ଥାତ୍ ଯେଉଁ ଆୟତଗୁଡିକ ମନେ ଅଛି , ସେ ତାହାକୁ ନିଜର ଋତୁସ୍ରାବ ହେଉଥିବା ଦିନଗୁଡିକରେ ମନେ ମନେ ସ୍ମୃତିଚାରଣ କରି ହୃଦୟ ଭିତରେ ଆବୃତି କରିପାରିବେ । ପିଲାମାନଙ୍କୁ ପବିତ୍ର କୁରଆନ୍ ପଢାଇବା ପାଇଁ ପବିତ୍ର କୁରଆନ୍ ର କୌଣସି ଅଂଶ ଆବୃତି କରିପାରିବେ । କିନ୍ତୁ ନିୟମିତ ତିଲାଓ୍ୱତ୍ କରିପାରିବେ ନାହିଁ । ସେହିପରି ସେହି ଦିନଗୁଡିକରେ ମହିଳାମାନଙ୍କୁ କମ୍ପ୍ୟୁଟର୍ ତଥା ମୋବାଇଲ୍ ଫୋନ ଇତ୍ୟାଦିରେ ନିୟମିତ ତିଲାଓ୍ୱତ୍ କରିବାପାଇଁ ଅନୁମତି ତ ନାହିଁ ,କିନ୍ତୁ କୌଣସି ଆବଶ୍ୟକ ପଡିଲେ ଉଦାହରଣ ସ୍ୱରୂପ ହଓ୍ୱାଲା (ରିଫରେନ୍ସ)ଖୋଜିବା ନିମନ୍ତେ ବା କାହାକୁ କୌଣସି ହଓ୍ୱାଲା (ରିଫରେନ୍ସ)ଦେଖାଇବା ପାଇଁ କମ୍ପ୍ୟୁଟର୍ ତଥା ମୋବାଇଲ୍ ଫୋନ ଇତ୍ୟାଦିରେ ପବିତ୍ର କୁରଆନ୍ ରୁ ଲାଭ ଉଠାଇପାରିବେ । ଅର୍ଥାତ କୌଣସି ଅଂଶ ଆବୃତି କରିପାରିବେ । ଏଥିରେ କୌଣସି ଅସୁବୁଧା ନାହିଁ ।**

**ସୟଦନା ହଜରତ୍ ଅମୀରୁଲ୍ ମୁମିନୀନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ପଂଚମ)ଅ ବ ଅ ଙ୍କୁ ପଚରାଯାଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଅନ୍ତର୍ନିହିତ ତଥା ବ୍ୟବହାରିକ ଉତର**

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠିରେ ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ଉପଦେଶମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ସେଥିରୁ ଲାଭ ଉଠାଇବା ପାଇଁ ଏଠାରେ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

**ଭାଗ-୧୩**

ପ୍ରଶ୍ନ- ଜଣେ ବନ୍ଧୁ ହଜୁର ଅନଓ୍ୱର ଅ ବ ଅଙ୍କୁ ମହିଳାମାନଙ୍କ ବିଶେଷ ଦିନଗୁଡ଼ିକରେ ଅର୍ଥାତ ସେମାନଙ୍କ ଋତୁସ୍ରାବ ସମୟରେ ମୋବାଇଲ ଫୋନ୍ ଜରିଆରେ ପବିତ୍ର କୁର୍‌ଆନ୍ ପଢ଼ିବା ପ୍ରସଙ୍ଗରେ ଜାଣିବାକୁ ଚାହିଁଲେ । ପୁଣି ସେ ଜାଣିବାକୁ ଚାହିଁଲେ ଯେ, ପବିତ୍ର କୁରଆନରେ ହଜରତ ମରିୟମ୍ ଆ ସଙ୍କ ନିମନ୍ତେ "ଇସ୍‌ତଫା" ର ଯେଉଁ ଶବ୍ଦ ବ୍ୟବହାର କରାଯାଇଛି ତାହା କଣ ପାଇଁ କରାଯାଇଛି ? ଯେବେ କି ସେ ଜଣେ ମହିଳା ଥିଲେ ନବୀ ନଥିଲେ । ହଜୁର ଅନଓ୍ୱର ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ରେ ଉପରୋକ୍ତ ପ୍ରଶ୍ନଗୁଡ଼ିକର ନିମ୍ନଲିଖିତ ଉତର ପ୍ରଦାନ କଲେ ।

**ଉତର:** ହଜୁର ଅନଓ୍ୱର ଅ ବ ଅ କହିଲେ ମହିଳାମାନଙ୍କୁ ପବିତ୍ର କୁର୍‌ଆନ୍ ଯାହା କିଛି ମୁଖସ୍ତ ଅଛି ସେମାନେ ତାହାକୁ ଋତୁସ୍ରାବ ହେଉଥିବା ଦିନଗୁଡ଼ିକରେ ହୃଦୟ ଭିତରେ ସ୍ମରଣ କରିପାରିବେ ଓ ମନେ ମନେ ପାଠ କରିପାରିବେ । ପୁଣି ପିଲାମାନଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇବା ପାଇଁ ପବିତ୍ର କୁର୍‌ଆନ୍‌ର କୌଣସି ଅଂଶକୁ ପଢ଼ି ଶୁଣାଇପାରନ୍ତି କିନ୍ତୁ ନିୟମିତ ପବିତ୍ର କୁର୍‌ଆନ୍ ଧରି ଆବୃତି କରିପାରିବେ ନାହିଁ । ସେହିପରି ଏହି ଦିନଗୁଡ଼ିକରେ ମହିଳାମାନଙ୍କୁ କମ୍ପ୍ୟୁଟର ତଥା ମୋବାଇଲ ଫୋନ୍ ଗୁଡ଼ିକରେ, ଯେଉଁଥିରେ ତାଙ୍କୁ ପ୍ରକାଶ୍ୟରେ ପବିତ୍ର କୁର୍‌ଆନ୍ ଧରିବାକୁ ପଡ଼ିନଥାଏ, ସେମାନଙ୍କୁ ତିଲାଓ୍ୱତ କରିବାର ଅନୁମତି ତ ନାହିଁ କିନ୍ତୁ କୌଣସି ଆବଶ୍ୟକ ପଡ଼ିଲେ ସେ ସେଥିରୁ ଲାଭ ଉଠାଇପାରନ୍ତି ଉଦାହରଣ ସ୍ୱରୂପ ହଓ୍ୱାଲା (Reference) ଖୋଜିବା ପାଇଁ ବା କାହାକୁ କୌଣସି ହଓ୍ୱାଲା ଦେଖାଇବା ପାଇଁ କମ୍ପ୍ୟୁଟର ତଥା ମୋବାଇଲ ଫୋନ୍ ଗୁଡ଼ିକରେ ପବିତ୍ର କୁରଆନ୍‌ରୁ ଲାଭ ଉଠାଇପାରନ୍ତି । ଏଥିରେ କୌଣସି ଅସୁବିଧା ନାହିଁ ।

ପୁଣି ଯେଉଁଠି ପବିତ୍ର କୁର୍‌ଆନ୍ କରିମ୍‌ରେ ହଜରତ ମରିୟମ୍ ଆ ସଙ୍କ ନିମନ୍ତେ "ଇସ୍‌ତଫା"ର ଶବ୍ଦ ବ୍ୟବହାର କରାଯିବାର କଥା ଉଠୁଛି ଏ ପରିପ୍ରେକ୍ଷୀରେ ପବିତ୍ର କୁର୍‌ଆନ୍ ଏବଂ ହଦିସ୍‌ଗୁଡ଼ିକରୁ ଆମକୁ ଏ କଥା ମିଳୁଅଛି ଯେ, ଏହି ଶବ୍ଦଟି କେବଳ ଅମ୍ବିୟା ଅର୍ଥାତ ନବୀମାନଙ୍କ ନିମନ୍ତେ ବ୍ୟବହାର କରାଯାଇନାହିଁ ବରଂ କୌଣସି ମଧ୍ୟ ଅସାଧାରଣ ଓ ଗୁରୁତ୍ୱପୂର୍ଣ୍ଣ କାମ ପାଇଁ କାହାକୁ ବି ଚୟନ କରିବା ନିମନ୍ତେ ଏହି ଶବ୍ଦର ବ୍ୟବହାର କରାଯାଇଅଛି । ସୁତରାଂ ପବିତ୍ର କୁର୍‌ଆନ୍‌ରେ ହଜରତ ଇବ୍ରାହିମ୍ ଆ ସ ଏବଂ ହଜରତ ୟାକୁବ ଆ ସ ଙ୍କ ସନ୍ତାନମାନଙ୍କୁ ଏ କଥା ବତାଇବା ପାଇଁ ଅର୍ଥାତ ଅଲ୍ଲାଃ ତାଲା ସେମାନଙ୍କ ପାଇଁ କିପରି ଏହି ଅସାଧାରଣ ଧର୍ମକୁ ବାଛି ନେଇଛନ୍ତି, ସେଠାରେ ଏହି ଶବ୍ଦକୁ ବ୍ୟବହାର କରାଯାଇଅଛି । ଯେମିତି କି ଅଲ୍ଲାଃ ତାଲା କହିଲେ, **ୟା ବନିୟା ଇନ୍ନଲାହାଃ ଇସ୍‌ତଫା ଲକୁମୁଦିନା............ ଓ୍ୱ ଅନ୍‌ତୁମ୍ ମୁସ୍‌ଲିମୁନ୍ (ଅଲ୍‌ବକରାଃ ୧୩୩)** ଅର୍ଥାତ ହେ ମୋର ପୁତ୍ରମାନେ ! ଅଲ୍ଲାଃ ତାଲା ଅବଶ୍ୟ ଏହି ଧର୍ମକୁ ତୁମମାନଙ୍କ ପାଇଁ ବାଛି ନେଇଛନ୍ତି । ତେଣୁ ତୁମେମାନେ ସେ ପର୍ଯ୍ୟନ୍ତ କଦାପି ମୃତ୍ୟୁବରଣ କରନାହିଁ ଯେ ପର୍ଯ୍ୟନ୍ତ ତୁମେମାନେ (ଈଶ୍ୱରଙ୍କ) ପୂର୍ଣ୍ଣ ଆଜ୍ଞାବହ ନ ହୋଇଯାଇଛ ।

ପୁଣି ଆଲେ ଇବ୍ରାହିମ୍ ଏବଂ ଆଲେ ଇମ୍‌ରାନ୍‌ମାନଙ୍କ ସେ ଯୁଗର ଲୋକମାନଙ୍କ ଉପରେ ଶ୍ରେଷ୍ଠତା ବର୍ଣ୍ଣନା କରିବାପାଇଁ ପବିତ୍ର କୁର୍‌ଆନ୍ ଏହି ଶବ୍ଦକୁ ବ୍ୟବହାର କରିଅଛନ୍ତି । ଉଦାହରଣ ସ୍ୱରୂପ ଅଲ୍ଲାଃ ତାଲା କହିଲେ, **ଇନ୍ନଲାହା ଇସ୍‌ତଫା ଆଦମା.......... ଓ୍ୱ ଆଲ ଇମ୍‌ରାନା ଅଲଲ୍ ଆଲମିନ୍ (ଆଲେ ଇମ୍‌ରାନ୍:୩୪)** ଅର୍ଥାତ ଅଲ୍ଲାଃ ତାଲା ଆଦମ୍, ନୂହ୍ ତଥା ଇବ୍ରାହିମ୍‌ଙ୍କ ବଂଶଧରମାନଙ୍କୁ ଏବଂ ଇମ୍‌ରାନ୍‌ଙ୍କ କୁଟୁମ୍ବଙ୍କୁ ଅବଶ୍ୟ ସମଗ୍ର ସଂସାରର ଲୋକମାନଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କରିଥିଲେ ।

ସେହିପରି ହଦିସ୍‌ରେ ମଧ୍ୟ ଆସିଛି ଯେ, ଆଁ ହଜୁର ସ:ଆ:ସଙ୍କୁ ପଚରାଗଲା ଯେ, ଅଲ୍ଲାଃ ତାଲାଙ୍କୁ କେଉଁ ଜିକର୍ (ଅର୍ଥାତ ଅଲ୍ଲାଃଙ୍କୁ ସ୍ମରଣ କରିବାର) କେଉଁ ବାକ୍ୟ ସବୁଠାରୁ ଅଧିକା ପସନ୍ଦ ଏଥିରେ ମହାଭାଗ ସ:ଆ:ସ କହିଲେ, **ମସ୍‌ତଫାହୁଲାହୁ ଲିମଲାଇକତିହି ସୁବ୍‌ହାନା ରବ୍‌ବି ଓ୍ୱ ବିହମ୍‌ଦିହି ସୁବ୍‌ହାନା ରବ୍‌ବି ଓ୍ୱ ବିହମ୍‌ଦିହି (ସୁନନେ ତିର୍‌ମିଜ୍ କିତାବୁଲ୍ ଦାଓ୍ୱାତ୍)** ଅର୍ଥାତ ଅଲ୍ଲାଃ ତାଲା ନିଜର ସ୍ମରଣ ନିମନ୍ତେ ଯେଉଁ ବାକ୍ୟକୁ ନିଜ ଦେବଦୂତମାନଙ୍କ ପାଇଁ ପସନ୍ଦ କରିଛନ୍ତି ତାହା ହେଉଛି ଏହି ବାକ୍ୟ ଅର୍ଥାତ **ସୁବ୍‌ହାନା ରବ୍‌ବି ଓ୍ୱ ବିହମ୍‌ଦିହି ସୁବ୍‌ହାନା ରବ୍‌ବି ଓ୍ୱ ବିହମ୍‌ଦିହି** ଅତଏବ ଇସ୍‌ତଫାର ଅର୍ଥ ହେଉଛି ଗ୍ରହଣ କରିବା, ପସନ୍ଦ କରିବା ଏବଂ ନିର୍ବାଚିତ କରିବା । ଅର୍ଥାତ କାହାର ଅତ୍ୟନ୍ତ ଉଚ୍ଚଗୁଣର ଆଧାରରେ ତାହାକୁ ନିକଟତର କରିବାପାଇଁ ବା ତାହାର ପୂଣ୍ୟକର୍ମଗୁଡ଼ିକ ଯୋଗୁଁ ତାକୁ ନିଜ ସମୀପରେ ସ୍ଥାନ ଦେବା ନିମନ୍ତେ ବ୍ୟବହାର ହୋଇଥାଏ ।

ହଜରତ ମରିୟମ ଆ ସ ଯଦିଓ ଈଶ୍ୱରଙ୍କ ନବୀତ୍ୱ ନଥିଲେ କିନ୍ତୁ ଅଲ୍ଲାଃ ତାଲା ତାଙ୍କୁ ଏପରି ଉଚ୍ଚକୋଟୀର ଗୁଣ ପ୍ରଦାନ କରିଥିଲେ ଯେ, ତାଙ୍କର ସେହି ସୁଗୁଣଗୁଡ଼ିକୁ ଦେଖି ଖୁଦାତାଲାଙ୍କର ଜଣେ ନବୀ ହଜରତ ଜକରିୟା ଆ ସ ଙ୍କ ହୃଦୟରେ ତାଙ୍କ ପରିକା ସନ୍ତାନ ମିଳିବା ପାଇଁ ଇଚ୍ଛା ସୃଷ୍ଟି ହେଲା ଏବଂ ପୁଣି ହଜରତ ଜକରିୟାଙ୍କ ପ୍ରାର୍ଥନା ଯୋଗୁଁ ଅଲ୍ଲାଃ ତାଲା ତାଙ୍କୁ ହଜରତ ୟହିୟା ଆ ସଙ୍କ ରୂପରେ ଜଣେ ନବୀ ପୁତ୍ର ପ୍ରଦାନ କଲେ ।

ବନୀ ଇସ୍ରାଇଲ୍‌ମାନଙ୍କର ଅଲ୍ଲାଃ ତାଲାଙ୍କ ନିକଟରୁ ଆସିଥିବା ନବୀମାନଙ୍କୁ ଅନବରତ ଅସ୍ୱୀକାର କରିବା, ସେହି ନବୀମାନଙ୍କ ସହିତ ଥଟ୍ଟା ପରିହାସ କରିବା ଓ ସେହି ନବୀମାନଙ୍କୁ ମିଥ୍ୟାବାଦୀ ରୂପରେ ଅଭିହିତ କରିବା ଯୋଗୁଁ ଅଲ୍ଲାଃ ତାଲା ହଜରତ ମରିୟମ ଆ ସଙ୍କ ଗର୍ଭରୁ ଜଣେ ନବୀ ପୁତ୍ର ହଜରତ ଇସା ଆ ସଙ୍କୁ ଜନ୍ମ କରାଇଲେ ଏବଂ ସେହି ପିଲାଟିର ଜନ୍ମରେ ବନୀ ଇସ୍ରାଇଲ୍‌ର କୌଣସି ପୁରୁଷଙ୍କର ଭାଗିଦାରୀ ନଥିଲା । ତା' ପରେ ବନି ଇସ୍ରାଇଲ୍‌ଙ୍କଠାରୁ ନବୁଓ୍ୱତ ପରି ମହାନ୍ ପୁରସ୍କାରକୁ ସଦା ସର୍ବଦା ପାଇଁ ଛଡ଼ାଇ ନେଇ ନିଆଗଲା ।

ଅତଏବ ଏହି ଅସାଧାରଣ ଗୁଣଗୁଡ଼ିକ ଆଧାରରେ ଅଲ୍ଲାଃ ତାଲା ହଜରତ ମରିୟମ ଆ ସଙ୍କ ନିମନ୍ତେ ପବିତ୍ର କୁର୍‌ଆନ୍‌ରେ ଏହି ଇସ୍‌ତଫା ଶବ୍ଦକୁ ବ୍ୟବହାର କରିଛନ୍ତି ।

**ପ୍ରଶ୍ନ-** ଆଉ ଜଣେ ବନ୍ଧୁ ହଜୁର ଅନଓ୍ୱର ଅ ବ ଅଙ୍କ ଗୋଚରରେ ଜମଲ୍ ଯୁଦ୍ଧରେ ଶହୀଦ ହୋଇଯାଇଥିବା ଲୋକମାନଙ୍କ ପଦମର୍ଯ୍ୟାଦା ସମ୍ପର୍କରେ ମହିଳାମାନଙ୍କ ଅର୍ଦ୍ଧ ସାକ୍ଷ୍ୟକୁ ଆଖି ଆଗରେ ରଖି ହଜରତ ଆଇଶା ର ଅଙ୍କଠାରୁ ବର୍ଣ୍ଣିତ ହୋଇଥିବା ହଦିସ୍‌ଗୁଡ଼ିକର ସ୍ଥିତି ସମ୍ବନ୍ଧରେ ଜାଣିବାକୁ ଚାହିଁଲେ ତତ୍ ସହିତ ଟ୍ରାନ୍ସଜେଣ୍ଡରମାନଙ୍କ ଓ୍ୱରାସତ୍ ଅର୍ଥାତ ପୈତୃକ ସମ୍ପତ୍ତିରୁ ଭାଗ ପାଇବା ଏବଂ ସେମାନଙ୍କର ସାକ୍ଷ୍ୟ ସମ୍ବନ୍ଧରେ କିପ୍ରକାରର ବ୍ୟବସ୍ଥା ରହିଛି ଜାଣିବାକୁ ଚାହିଁଲେ । ହଜୁର ଅନଓ୍ୱର ଅ

ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ରେ ଉପରୋକ୍ତ ପ୍ରଶ୍ନଗୁଡ଼ିକର ନିମ୍ନଲିଖିତ ଉତର ପ୍ରଦାନ କଲେ ।

**ଉତର:** ଜମଲ୍ ଯୁଦ୍ଧର ବାସ୍ତବିକତା ହେଉଛି ଏହା ଯେ, ତାହାର ସମସ୍ତ କାର୍ଯ୍ୟକ୍ରମ ପଛରେ ସେହି ବିଭ୍ରାଟକାରୀ ଓ ଖଳ ଲୋକମାନଙ୍କର ହାତ ଥିଲା, ଯେଉଁମାନେ ହଜରତ ଉସ୍‌ମାନ୍ ର ଅଙ୍କୁ ହତ୍ୟା କରିବା ପରେ ମଦିନାକୁ କବ୍‌ଜା କରିନେଇଥିଲେ ଏବଂ ଏହି ଯୁଦ୍ଧ ମଧ୍ୟ ସେହି ବିଭ୍ରାଟକାରୀ ଲୋକମାନେ ଦୁଇଟି ମୁସଲମାନ ଦଳମାନଙ୍କ ମଧ୍ୟରେ ଭୁଲ ବୁଝାମଣା ସୃଷ୍ଟି କରାଇ ଯୁଦ୍ଧ କରାଇଥିଲେ । ସେ ଯୁଗର ଇତିହାସ ଓ ଆମର ଏହି ଯୁଗର ଇତିହାସ ମଧ୍ୟରେ ଶହ ଶହ ବର୍ଷ ପରଦା ପଡ଼ିଯାଇଛି । ଅନେକ ସଂଶୟପୂର୍ଣ୍ଣ କଥା ତଥା ରିଓ୍ୱାୟତଗୁଡ଼ିକ ପ୍ରତିବନ୍ଧକ ସାଜିଛନ୍ତି । ପୁଣି ଅନେକ ପ୍ରକାରର ସଂଶୟ ଜାଣିଶୁଣି ମଧ୍ୟ ସେଥିରେ ପ୍ରବେଶ କରାଯାଇଅଛି ।

କିନ୍ତୁ ସ୍ଥାୟୀ ବାସ୍ତବିକତା ହେଉଛି ତାହା ଯାହାକୁ ପବିତ୍ର କୁର୍‌ଆନ୍ ବର୍ଣ୍ଣନା କରିଅଛି । ତାହା ହେଉଛି ଏହା କି ଅଲ୍ଲାଃତାଲା ରସୁଲୁଲ୍ଲାଃ ସ ଆ ସଙ୍କ ସାହାବି ଏବଂ ସୁକର୍ମ କରି ଓ ତାଙ୍କ ଅନୁସରଣକାରୀ ସମ୍ପର୍କରେ ସମ୍ବନ୍ଧରେ **ରଜିଓ୍ୱଲାହୁ ଅନ୍‌ହୁମ୍ ଓ୍ୱରଜୁ ଅନ୍‌ହୁ** ପରି ଅନୁକରଣୀୟ ଓ ସୁନ୍ଦର ଶବ୍ଦ ବ୍ୟବହାର କରିଛନ୍ତି ଓ ପରେ ଆସିବାକୁ ଥିବା ଲୋକମାନଙ୍କ ଗୁଣ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ଯେ ସେମାନେ ଏହି ଲୋକମାନଙ୍କ ସମ୍ବନ୍ଧରେ ଏ ପ୍ରାର୍ଥନା କରିଥାନ୍ତି ଯେ, **ରବ୍‌ନଗ୍‌ଫିର୍‌ଲନା ଓ୍ୱଲି ଇଖ୍‌ଓ୍ୱାନିନା.......... ଲିଲ୍ ଲଜିନା ଆମନୁ** ଅର୍ଥାତ ହେ ଆମର ପାଳନକର୍ତ୍ତା ! ଆମକୁ କ୍ଷମା ପ୍ରଦାନକର ଏବଂ ଆମର ସେହି ଭାଇମାନଙ୍କୁ ମଧ୍ୟ କ୍ଷମା ପ୍ରଦାନ କର ଯେଉଁମାନେ ବିଶ୍ୱାସ ଆଣିବାରେ ଆମମାନଙ୍କଠାରୁ ଆଗକୁ ବଳିଗଲେ । ଓ ଆମ ହୃଦୟରେ ସେହି ଲୋକମାନଙ୍କ ପାଇଁ ଯେଉଁମାନେ ବିଶ୍ୱାସରେ ଆମମାନଙ୍କଠାରୁ ଆଗକୁ ବଢ଼ିଯାଇଛନ୍ତି, କୌଣସି ପ୍ରକାରର ଖରାପ ଧାରଣା ରହିବାକୁ ଦିଅନାହିଁ ।

ଅତଏବ ଏପରି ସୁନ୍ଦର ସାକ୍ଷ୍ୟର ଅବସ୍ଥିତିରେ ଆମେ ନିଶ୍ଚିତ ରୂପେ ଏହା କହିପାରିବା ଯେ, ଏହି ଯୁଦ୍ଧରେ ମୁନାଫିକ୍‌ମାନଙ୍କ ଅର୍ଥାତ ବିପଥଗାମୀମାନଙ୍କ ଦୁଷ୍ଟାମି ଓ ଧୋକାର ସ୍ୱୀକାର ହୋଇ ଦୁଇ ତରଫରୁ ଶହୀଦ ହୋଇଥିବା ଲୋକମାନେ ନିଶ୍ଚିତ ରୂପେ ନିରୀହ ଥିଲେ । ଯେଉଁମାନଙ୍କ ସମ୍ବନ୍ଧରେ ଆମକୁ କୌଣସି ଅକ୍ତିୟାର ନାହିଁ ଯେ ଆମେ ସେମାନଙ୍କ ଉପରେ ହାକିମ୍ ହୋଇ କୌଣସି ଫତୁଓ୍ୱା ଜାରି କରିବା ଯେ, ସେମାନଙ୍କର କଣ ସ୍ଥାନ ଥିଲା ।

ମହିଳାମାନଙ୍କର ସାକ୍ଷ୍ୟ ଦେବା ସମ୍ବନ୍ଧରେ ଏକଥା ଭାବିବା ଠିକ୍ ନୁହେଁ ଯେ ସେମାନଙ୍କର ସାକ୍ଷ୍ୟ ହେଉଛି ଅଧା । ଏପରି କିଛି ବିଷୟ ରହିଛି ଯେଉଁଥିରେ ମହିଳମାନଙ୍କୁ ଦୈନନ୍ଦିନ ଜୀବନରେ କୌଣସି ପ୍ରକାରର ସମ୍ବନ୍ଧ ନାହିଁ ଯଦି ସେହିସବୁ ମାମଲାରେ ମହିଳାମାନଙ୍କର ସାକ୍ଷ୍ୟଗ୍ରହଣ କରିବାକୁ ବାଧ୍ୟ କରାଯାଏ ,ତାହେଲେ ପବିତ୍ର କୁରଆନ୍ ଏ ମାର୍ଗଦର୍ଶନ କରିଛି ଯେ ସାକ୍ଷ୍ୟ ଦେବାକୁ ଥିବା ମହିଳା ସହିତ ଆଉ ଜଣେ ମହିଳାଙ୍କୁ ସାମିଲ୍ କରାଯାଉ । (ଯେହେତୁ ଏହି ମାମଲାଗୁଡ଼ିକର ସମ୍ବନ୍ଧ ମହିଳାମାନଙ୍କ ସହିତ ନାହିଁ ତେଣୁ)ଯଦି ସାକ୍ଷ୍ୟ ଦେଉଥିବା ମହିଳାଜଣକ କୌଣସି କାରଣରୁ ଭୂଲିଯାଏ ତାହେଲେ ଦ୍ୱିତୀୟ ମହିଳାଜଣକ ତାକୁ ମନେପକାଇଦେବ । ନଚେତ ସେହି ଏକାକୀ ମହିଳାର ସାକ୍ଷ୍ୟ ହିଁ ଗଣନା କରାଯିବ ।

ଏବଂ ଯେଉଁ ମାମଲାଗୁଡ଼ିକର ସମ୍ବନ୍ଧ ବିଶେଷ ଭାବରେ ମହିଳାମାନଙ୍କ ସହିତ ରହିଛି ,ସେଥିରେ ସେହି ଏକାକୀ ମହିଳାର ସାକ୍ଷ୍ୟ ଉପରେ ପବିତ୍ର ରସୁଲୁଲ୍ଲାଃ ସ ଆ ସ ନିଷ୍ପତି କରିଛନ୍ତି । ଅତଃ ସହି ବୁଖାରୀରେ ଏହି ହଦିସ ଆସିଛି ଯେ ହଜରତ୍ ଅକବା ବିନ୍ ହାରିସ୍ ର ଅ ଜଣେ ମହିଳାଙ୍କୁ ବିବାହ କରିଥିଲେ । ଏଥିରେ ଜଣେ ସାଧାରଣ ମହିଳା ଆସି କହିଲେ ଯେ ସେ ଏହି ବିବାହ କରୁଥିବା ଦମ୍ପତି ଦ୍ୱୟକୁ ଖୀର ପାନ କରାଇଛି । ସ୍ୱାମୀଙ୍କର ସେହି ମହିଳାଙ୍କଠାରୁ ଖୀରପାନ କରିବା ବିଷୟ ଜାଣିନଥିବ କଥା କହିବା ସତ୍ୱେ ମଧ୍ୟ ମହାଭାଗ ସ ଆ ସ ସେହି ସ୍ୱାମୀ ସ୍ତ୍ରୀ ଦ୍ୱୟଙ୍କୁ ଅଲଗା କରାଇଦେଲେ ।

ଯେଉଁଠି ମୁଖନ୍ନସ୍ ଅର୍ଥାତ୍ ଟ୍ରାନ୍ସଜେଣ୍ଡରମାନେ ପୈତୃକ ସମ୍ପତିରୁ ଭାଗ ପାଇବା କଥା ଉଠୁଛି ,ଏ ସମ୍ବନ୍ଧରେ ତାହାର ସମାଧାନ ହେଉଛି ଏହା କି ସେହି ଟ୍ରାନ୍ସଜେଣ୍ଡର୍ ବ୍ୟକ୍ତିର ଲକ୍ଷଣ ଯେଉଁ ଆଡକୁ ଅଧିକା ଥିବ,(ଅର୍ଥାତ୍ ପୁରୁଷର ଲକ୍ଷଣ ଯଦି ଅଧିକା ଥାଏ ବା ନାରୀର ଲକ୍ଷଣ ଅଧିକା ଥାଏ)ତାହେଲେ ତାମୁତାବକ ତାକୁ ପୈତୃକ ସମ୍ପତିରୁ ଭାଗ ମିଳିବ । ଯଦି ତାଠରେ ପରୁଷର ପ୍ରତୀକ ଗୁଡ଼ିକ ପ୍ରଧାନ୍ୟ ଥାଏ ତାହେଲେ ତାକୁ ପୁରୁଷର ଭାଗ ମିଳିବ । ଯଦି ତାଠାରେ ନାରୀର ପ୍ରତୀକ ଗୁଡ଼ିକ ର ପ୍ରାଧାନ୍ୟ ଥାଏ ତାହେଲେ ତାକୁ ନାରୀପାଇଁ ଧାର୍ଯ୍ୟଥିବା ସମ୍ପତିର ଭାଗ ମିଳିବ । ଯଦି ଦୁଇପ୍ରକାରର ଲକ୍ଷଣ (ପ୍ରତୀକ)ସମାନ ଥାଏ ତାହେଲେ ହଜରତ୍ ଇମାମ୍ ଅବୁ ହନିଫା ର ଅ ଙ୍କ ଫତଓ୍ୱା ମୁତାବକ ତାକୁ ଦୁଇଜଣଙ୍କର ଭାଗ ମଧ୍ୟରୁ ଯାହାର ଭାଗ ସାନ(ଛୋଟ),ସେହି ସାନ ଭାଗଟି ମିଳିବ ।

ପ୍ରଶ୍ନ -ଜଣେ ବନ୍ଧୁ ହଜୁର୍ ଅନଓ୍ୱର୍ ଅ ବ ଅଙ୍କ ଗୋଚରେ ଲେଖି ଏକଥା ଜାଣିବାକୁ ଚାହିଁଲେ ଯେ କ'ଣ ଧର୍ମ ଜଗତରେ ଚାଳିଶ ସଂଖ୍ୟାର କୌଣସି ମହତ୍ୱ ରହିଛି ? ହଜୁର୍ ଅନଓ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ମସିହାରେ ଏ ପ୍ରଶ୍ନର ଉତର ନିମ୍ନ ଲିଖିତ ପ୍ରଦାନ କରିଛନ୍ତି ।

ଉତର -ପବିତ୍ର କୁରଆନ୍ ତଥା ହଦିସମାନଙ୍କର ଅଧ୍ୟୟନ କରିଲେ ଏକଥା ଜଣା ପଡୁଛି ଯେ ଶାରୀରିକ ପରିପକ୍ୱତା ଏବଂ ଆଧ୍ୟାତ୍ମିକ ପୂର୍ଣ୍ଣତା ନିମନ୍ତେ ଚାଳିଶ ସଂଖ୍ୟାର ବିଶେଷ ପ୍ରାସଙ୍ଗିକତା ରହିଛି । ସୁତରାଂ ପବିତ୍ର କୁରଆନ୍ ରେ ଅଲ୍ଲାଃତାଲା ମନୁଷ୍ୟର ଜନ୍ମ ବିଷୟରେ କୁହନ୍ତି :-**ହତ୍‌ତା ଇଜା ବଲଗା ଅଶୁଦହୁ ଓ୍ୱ ବଲଗା ଅରବଇନା ସନାଃ** ଅର୍ଥାତ୍ ଯେବେ ସେ ନିଜର ପରିପକ୍ୱତା ବୟସରେ ପହଂଚିଲା ଏବଂ ଚାଳିଶ ବର୍ଷର ହୋଇଗଲା ।

ହଜରତ ମୁସା ଆ ସ ଙ୍କ ସମ୍ବନ୍ଧରେ ଅଲ୍ଲାଃତାଲା ପବିତ୍ର କୁରଆନରେ କୁହନ୍ତି :- **ଓ୍ୱ ଓ୍ୱାଅଦନା ମୁସା ସଲାସିନା ଲୈଲତନ୍ ଓ୍ୱ ଅତ୍‌ମମ୍‌ନାହା ବିଅଶ୍‌ରିନ୍ ଫତମ୍ମା ମିକାତୁ ରବ୍‌ବିହି ଅରବଇନା ଲୈଲତନ୍** ଅର୍ଥାତ୍ ଆମ୍ଭେ ମୁସ ଆ ସ ଙ୍କ ସହିତ ତିରିଶି ରାତିର ପ୍ରତିଶୃତି ଦେଇଥିଲୁ ଏବଂ ତାହାକୁ ଆଉ ଦଶ (ରାତି ଅଧିକା)କରି ପୂରଣ କଲୁଁ । ଅତଃ ତା ପ୍ରଭୂଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅବଧି ଚାଳିଶ ରାତିରେ ସମ୍ପୂର୍ଣ୍ଣ ହେଲା ।

ଆମ ମୁନୀବ ଓ ସଖା ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସ ଙ୍କୁ ଚାଳିଶ ବର୍ଷ ବୟସରେ ନବୁଓ୍ୱତ୍ ର ପଦବୀରେ ଅଧିଷ୍ଠିତ କରାଗଲା । ହଦିସରେ ଆସୁଛି ଯେ :-ହଜୁର୍ ସ ଆ ସ କହିଲେ କି ମଣିଷ ନିଜ ମା ପେଟରେ ଚାଳିଶ ଦିନ ପର୍ଯ୍ୟନ୍ତ ନୁତଫା ଆକାରରେ ରହିଥାଏ ,ଚାଳିଶ ଦିନ ପର୍ଯ୍ୟନ୍ତ ଅଲକାଃ ଆକାରରେ ରହିଥାଏ,ଚାଳିଶ ଦିନ ପର୍ଯ୍ୟନ୍ତ ମୁଜଗା ଆକାରରେ ରହିଥାଏ ଏବଂ ପୁଣି ଅଲ୍ଲାଃତାଲା ଗୋଟିଏ ଫରିସ୍ତା (ଦେବଦୂତ)ପଠାଇ ତାଠାରେ ରୁହ୍ (ଆତ୍ମା)ଫୁଙ୍କିଥାଏ । ଏହିପରି ହଜୁର୍ ସ ଆ ସ କହିଲେ :-ଯେଉଁ ଲୋକ ଚାଳିଶ ଦିନ ପର୍ଯ୍ୟନ୍ତ ବାଜମାଅତ୍ (ସାମୂହିକ)ନମାଜ୍ ଏପରି ପଢିଥାଏ ଯେ ସେ ତକବୀରେ ତହରିମାରେ ସାମିଲ୍ ହେଉଥିବ , ତାହେଲେ ସେ ନର୍କାଗ୍ନୀ ତଥା ନିଫାକ୍ (କପଟତା)ରୁ ବର୍ଜୀରହିବ ବୋଲି ଉଲ୍ଲେଖ ଅଛି ।

ହଜରତ୍ ମସିହ୍ ମଉଦ୍ ଆ ସ ହୁଶିୟାରପୁର୍‌ଠାରେ ଚାଳିଶ ଦିନ ଚିଲ୍ଲାକଶି କରିଛନ୍ତି ଏବଂ ଅଲ୍ଲାଃତାଲା ଆପଣ ଆ ସ ଙ୍କୁ ଇସଲାମର ସମ୍ମାନ, ମୁହମ୍ମଦ୍ ମୁସ୍ତଫା ସ ଆ ସ ଙ୍କ ସତ୍ୟତା ତଥା ମହିମା ଦେଖାଇବା ପାଇଁ ଗୋଟିଏ ପ୍ରତିଶ୍ରୁତ ପୁତ୍ରର ଜନ୍ମ ହେବା ବିଷୟର ମାହାନ ସୁସମାଚାର ପ୍ରଦାନ କଲେ । ସେହିପରି ହଜରତ୍ ମସିହ୍ ମଉଦ୍ ଆ ସ କହିଲେ ଯେ ଯଦି କିଏ ମୋ ନିକଟରେ ଚାଳିଶ ଦିନ ରହିବ ସେ ନିଶ୍ଚିତ ରୂପେ ଅଲ୍ଲାଃତାଲାଙ୍କର କିଛି ନା କିଛି ନିଦର୍ଶନକୁ ଦେଖିନେବ ।

ପୁଣି ଚାଳିଶ ବର୍ଷ ବୟସକୁ ପରପକ୍ୱତାର ବୟସ କୁହାଯାଏ । ତେଣୁ ଆମ ଜମାଅତରେ ଅନସାରୁଲ୍ଲାଃ ସଂଗଠନ ଚାଳିଶ ବର୍ଷ ବୟସର ଲୋକମାନଙ୍କଠାରୁ ଆରମ୍ଭ ହୋଇଥାଏ । ଅତଃ ଏହି ଉଦାହରଣରୁ ପ୍ରମାଣିତ ହୋଇଥାଏ ଯେ ଚାଳିଶ ସଂଖ୍ୟାଟି ସାଂସାରୀକ ଦୃଷ୍ଟିକୋଣରୁ ପରିପକ୍ୱତା ପାଇଁ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣତା ପାଇଁ ବ୍ୟବହାର ହୋଇଥାଏ ।

ପ୍ରଶ୍ନ -ଜଣେ ବନ୍ଧୁ ହଜୁର୍ ଅନଓ୍ୱର୍ ଅ ବ ଅଙ୍କ ଗୋଚରେ ଲେଖି ଏକଥା ଜାଣିବାକୁ ଚାହିଁଲେ ଯେ ୟାଜୁଜ୍ ମାଜୁଜ୍ କିଏ ? ପୁଣି ଏକଥା ଜାଣିବାକୁ ନିବେଦନ କଲେ ଯେ କ'ଣ ଆଁ ହଜରତ୍ ସ ଆ ସ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ସ୍ୱପ୍ନରେ ଦେଖିଛନ୍ତି କି ?

ହଜୁର୍ ଅନଓ୍ୱର୍ ଅ ବ ଅ ନିଜର ଚିଠି ଲିଖିତ ୧୪ ଜାନୁୟାରୀ ୨୦୨୦ ମସିହାରେ ଏ ପ୍ରଶ୍ନର ଉତର ନିମ୍ନ ଲିଖିତ ପ୍ରଦାନ କରିଛନ୍ତି ।

ଉତର :-ଶେଷ ଯୁଗରେ ଇସଲାମ୍ ଯେଉଁ ସବୁ ଦୁଃଖ ଓ ବିପତିରେ ପଡିବାକୁ ଥିଲା , ସେଥିରେ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ବିଷୟରେ ବିଶେଷ ଭାବରେ ଉଲ୍ଲେଖ ରହିଛି । ଏବଂ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ଗୋଟିଏ ଫିତନା(ବିଭ୍ରାଟ)ର ଭିନ୍ନ ଭିନ୍ନ ପ୍ରଦର୍ଶନ । ଦଜ୍ଜାଲ୍ ଏହି ଫିତନା(ବିଭ୍ରାଟ)ର ଧାର୍ମିକ ପାର୍ଶ୍ୱର ନାମ । ଯାହାର ଅର୍ଥ ହେଉଛି ଏହାକି ଏହି ଗୋଷ୍ଠୀ ଶେଷ ଯୁଗରେ ଲୋକମାନଙ୍କର ଧାର୍ମିକ ବିଶ୍ୱାସ ତଥା

ଧାର୍ମିକ ଆସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିବେ ଏବଂ ସେହି ଯୁଗରେ ଯେଉଁ ଗୋଷ୍ଠୀ ରାଜନୈତିକ ପରିସ୍ଥିତିକୁ ଖରାପ କରିବ ଏବଂରାଜନୈତିକ ଶାନ୍ତି ତଥା ସ୍ଥିରତାକୁ ବିନାଶ କରିଦେବ ,ତାର ନାମ ୟାଜୁଜ୍ ମାଜୁଜ୍ ରଖାଯାଇଛି । ଏବଂ ଏହି ଉଭୟ ଗୋଷ୍ଠୀ ପାଶ୍ଚାତ୍ୟ ଖ୍ରୀଷ୍ଟିଆନ୍ ଦେଶଗୁଡ଼ିକର ସାଂସାରୀକ ତଥା ଭୌତିକ ଶକ୍ତି ଏବଂ ସେମାନଙ୍କର ଧାର୍ମିକ ପାର୍ଶ୍ୱକୁ ବୁଝାଏ ।

କିନ୍ତୁ ଏହା ସହିତ ଅଲ୍ଲାଃତାଲା ନିଜ ପ୍ରିୟ ନବୀ ସ ଆ ସ ଙ୍କ ଜରିଆରେ ଆମକୁ ଏ ଖବର ମଧ୍ୟ ଦେଇଛନ୍ତି ଯେ ଯେବେ ଦଜ୍ଜାଲ୍ ଏବଂ ୟାଜୁଜ୍ ମାଜୁଜ୍ ର ଫିତନା(ବିଭ୍ରାଟ ତଥା ବିଶୃଙ୍ଖଳା)ଆରମ୍ଭ ହେବ ସେତେବେଳେ ଇସଲାମ୍ ଦୁର୍ବଳ ହୋଇଯିବ । ସୁତରାଂ ଅଲ୍ଲାଃତାଲା ଏପରିସ୍ଥଳେ ଇସଲାମର ସୁରକ୍ଷା ପାଇଁ ମସିହ୍ ମଉଦ୍ ଆ ସ ଙ୍କୁ ପ୍ରେରଣ କରିବେ । ସେ ସମୟରେ ମୁସଲମାନ୍ ମାନଙ୍କ ନିକଟରେ ଭୌତିକ ତଥା ସାମଗ୍ରୀକ ଶକ୍ତି ନଥିବ । କିନ୍ତୁ ମସିହ ମଉଦ୍ ଙ୍କ ଜମାଅତ୍ ଦୁଆ (ପ୍ରାର୍ଥନା) ଏବଂ ତବଲିଗ୍ (ପ୍ରଚାର) ଦ୍ୱାରା କାମ କରିଚାଲିବ । ଯାହା ଫଳରେ ଅଲ୍ଲାଃତାଲା ସେହି ଫିତନାକୁ ସ୍ୱଂୟ ଶେଷ କରିଦେବେ ।

ଆପଣଙ୍କର ଦ୍ୱିତୀୟ ପ୍ରଶ୍ନ ଏହା ଥିଲା ଯେ କ'ଣ ଆଁ ହଜରତ୍ ସ ଆ ସ ହଜରତ୍ ମସିହ୍ ମଉଦ୍ ଆ ସଙ୍କୁ ସ୍ୱପ୍ନରେ ଦେଖିଛନ୍ତି କି ? ଏହାର ଉତର ହଦିସରେ ମିଳିଥାଏ ଯେ ଆଁହଜରତ୍ ସ ଆ ସ ଆସିବାକୁ ଥିବା ମସିହଙ୍କୁ ସ୍ୱପ୍ନରେ ଦେଖିଥିଲେ । ସୁତରାଂ ସହି ବୁଖାରୀରେ ଏହି ହଦିସ ବର୍ଣ୍ଣିତ ଅଛି ଯେ ଆଁହଜରତ୍ ସ ଆ ସ କହିଲେ ଯେ ମୁଁ ରାତିରେ ଗୋଟିଏ ସ୍ୱପ୍ନରେ ନିଜକୁ କାବା ନିକଟରେ ଦେଖିଲି । ପୁଣି ଜଣେ ଗହମ ରଙ୍ଗର ଲୋକକୁ ବି ଦେଖିଲି । ଯେପରି ତୁମେମାନେ ସୁନ୍ଦର ଗହମ ରଙ୍ଗର ଲୋକକୁ ଦେଖିଥିବ, ସେ ତାଠାରୁ ବି ଭଲ ଥିଲେ । ତାଙ୍କର କେଶ ତାଙ୍କ ଦୁଇ କାନ୍ଧ ପର୍ଯ୍ୟନ୍ତ ସିଧା ଲଟକୁ ଥିଲା । ତାଙ୍କ ମୁଣ୍ଡରୁ ପାଣି ଟପକୁ ଥିଲା । ସେ ଦୁଇଜଣ ଲୋକର କାନ୍ଧରେ ହାତ ରଖି ବଇତୁଲ୍ଲାଃ(ଅର୍ଥାତ ଖାନା କାବା)ର ପରିକ୍ରମଣ କରୁଥିଲେ । ମୁଁ ପଚାରିଲି ଏହି ଲୋକଟି କିଏ ? ଏଥିରେ ଲୋକମାନେ କହିଲେ ଯେ ସେ ହେଉଛନ୍ତି ମସିହ୍ ଇବନେ ମରିୟମ୍ । ପୁଣି ମୁଁ ତାଙ୍କ ପଛରେ ଆଉଜଣେ ଲୋକକୁ ଦେଖିଲି ଯାହାର କେଶ ବହୁତ ଘନ ତଥା କୁଂଚକୁଂଚିଆ ଥିଲା । ତାହାର ଡାହାଣ ଆଖି କଣା ଥିଲା । ଏବଂ ଇବନେ କୁତନ୍ (ଜଣେ କାଫିର୍)ଙ୍କ ସହିତ ତାର ଚେହେରା ବହୁତ ମିଶୁଥିଲା । ସେ ଗୋଟିଏ ଲୋକର ଦୁଇକାନ୍ଧ ଉପରେ ହାତ ରଖି ବଇତୁଲ୍ଲାଃ(ଅର୍ଥାତ ଖାନା କାବା)ର ଚାରିପଟେ ପରିକ୍ରମଣ କରୁଥିଲା । ମୁଁ ପଚାରିଲି ଏହି ଲୋକଟି କିଏ ? ଉତର ମିଳିଲା ଯେ ସେ ହେଉଛି ମସିହ୍ ଦଜ୍ଜାଲ୍ ।

ସେହିପରି ସହି ବୁଖାରୀର ଆଉ ଗୋଟିଏ ରିୱାୟତ ଅଛି ଯେ ସେଥିରେ ଆଁ ହଜରତ୍ ସ ଆ ସ କହଛନ୍ତି ଯେ (ମେରାଜ ରାତିରେ)ମୁଁ ଇସା , ମୁସା ଏବଂ ଇବ୍ରାହିମ୍(ଆ ସ)ଙ୍କୁ ଦେଖିଲି । ଇସା (ଆ ସ)ଲାଲ୍ ରଙ୍ଗର,କୁଂଚକୁଂଚିଆ କେଶ ଏବଂ ପ୍ରଶସ୍ତ ଛାତି ରଖିଥିବା ଲୋକ ଥିଲେ । ମୁସା (ଆ ସ) ଗହମ ରଙ୍ଗର ଓ ମୋଟା ତାଜା ତଥା ସିଧା କେଶ ରଖିଥିବା ମଣିଷ ଥିଲେ । ସତେ ଯେପରି ସେ (ଜତ୍ କବିଲା)ର ଲୋକ ଅଟନ୍ତି ।

ଅତେବ ଏହି ଦୁଇଟି ରିୱାୟତରେ ହଜରତ୍ ମସିହ୍ ଆ ସ ଙ୍କର ଦୁଇ ଦୁଇଟି ଅଲଗା ଅଲଗା ଚେହେରା ବିଷୟରେ ବର୍ଣ୍ଣନା କରାଯାଇଅଛି । ଏଥିରୁ ପ୍ରମାଣିତ ହେଉଅଛି ଯେ ଆଁ ହଜରତ୍ ସ ଆ ସ ମୁସା ଆ ସଙ୍କ ମସିହ୍ ହଜରତ୍ ଇସା ମସିହ୍ ଆ ସଙ୍କୁ ବି ଦେଖିଥିଲେ । କିନ୍ତୁ ତାଙ୍କୁ ମୃତ୍ୟୁ ବରଣ କରିସାରିଥିବା ଅମ୍ବିୟା(ନବି) ହଜରତ୍ ମୁସା ଆ ସ ଏବଂ ହଜରତ୍ ଇବ୍ରାହିମ୍ ଆ ସ ଙ୍କ ସାଥିରେ ଦେଖିଥିଲେ । ଏବଂ ନିଜର ଆଧ୍ୟାତ୍ମିକ ସନ୍ତାନ ଓ ସଚ୍ଚା ଦାସ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କୁ ମଧ୍ୟ ଦେଖିଥିଲେ । ଯାହାଙ୍କୁ ଦଜ୍ଜାଲ୍ ଯୁଗରେ ଆବିର୍ଭୂତ ହୋଇ ତାହା ସହିତ (ଅର୍ଥାତ୍ ଦଜ୍ଜାଲ)ସହିତ ମୁକାବିଲା କରି , ଲଢି ଇସଲାମର ପ୍ରତିରକ୍ଷା କରିବାର ଥିଲା । ତାଙ୍କୁ ଆପଣ ସ ଆ ସ ଖାନାକାବାର ପରିକ୍ରମଣ କରିବାର ଦେଖିଛନ୍ତି ।

ହଜୁରତ୍ ଖଲିଫତୁଲ୍ ମସିହ୍ ପଂଚମ ଙ୍କ ସହିତ ହଲାଣ୍ଡର ନୌମୁବାଇନ୍ (ନୂଆ ବୟତ କରିଥିବା ଅହେମଦୀ)ଛାତ୍ରୀମାନଙ୍କ ର ଭର୍ଚୁଆଲ୍ ସାକ୍ଷାତକାର ଅନୁଷ୍ଠିତ ୨୩ ଅଗଷ୍ଟ ୨୦୨୦ ମସିହାରେ ଜଣେ ଛାତ୍ରୀ ଜାଣିବାକୁ ଇଛା ପ୍ରକାଶ କଲେ ଯେ ଆମେ ଅନଲାଇନ୍ ରେ ଗୋଟିଏ କୁର୍ଦ୍ଦ ଗୋଷ୍ଠୀକୁ ତବଲିଗ୍ କରୁଅଛୁ । ସେଥିରେ କିଛି ମୁଲ୍ଲା ବି ସାମିଲ୍ ଅଛନ୍ତି । ଯେଉଁମାନେ ପାକିସ୍ତାନରୁ ଶିକ୍ଷାଗ୍ରହଣ କରି ଆସିଛନ୍ତି । ଯଦି ସେହି ଗ୍ରୁପର ଲୋକେ ଆମମାନଙ୍କ କଥାକୁ ଶୁଣିବାରେ ସଙ୍କୋଚତା ଅବଲମ୍ବନ ନକରନ୍ତି ତାହେଲେ କ'ଣ ଆମେ ସେହି ଗ୍ରୁପରେ ତବଲିଗ୍ କରିଚାଲିବୁ ବା କରିବୁ ନାହିଁ ? ହଜୁର ଅନୱ୍ବର୍ ଅ ବ ଅ ଏ ସମ୍ବନ୍ଧରେ ସେମାନଙ୍କର ମାର୍ଗଦର୍ଶନ କରାଇ କହିଲେ ।

ଉତର:- ଯଦି ସେହି ମୁଲ୍ଲା ଆପଣମାନଙ୍କ ସହିତ ତର୍କବିତର୍କ କରି ସମୟ ନଷ୍ଟକରିବାକୁ ଚାହୁଁଥାନ୍ତି ତାହେଲେ କିଛି ଲାଭ ନାହିଁ । ତାଠାରୁ ତ ଏହା ଭଲ ଯେ ଆଉକିଛି ଭଲ ଲୋକଙ୍କୁ ଆପ୍ରୋଚ କରନ୍ତୁ । ସେମାନଙ୍କୁ ତବଲିଗ୍ କରନ୍ତୁ ଯେଉଁମାନେ ଶୁଣିବାକୁ ଇଛୁକ । ଯେଉଁମାନେ ଧୃଷ୍ଟ ତଥା ଯେଉଁମାନେ କେବଳ ତର୍କବିତର୍କ କରିବାକୁ ଚାହିଁଥାନ୍ତି , ଏବଂ ଆରୋପ ପ୍ରତ୍ୟାରୋପ କରିଥାନ୍ତି ଏବଂ କୌଣସି ବୁଦ୍ଧି ବିବେକ କଥା କୁହନ୍ତି ନାହିଁ , ତାହେଲେ ଏଥିରେ ସମୟ ନିବେଶ କରିବାର ଆବଶ୍ୟକ କ'ଣ ? ଯଦି ତାଙ୍କର ଉଦେଶ୍ୟ ଭଲ ଥାଏ , ଶୁଣିବାକୁ ଚାହୁଁଥାନ୍ତି ଓ ନିଜ ନୈତିକତାର ପରିଧି ମଧ୍ୟରେ ତଥା ମୋରାଲ୍ କୋଡସ୍ ଭିତରେ ରହି କଥା କରିଥାନ୍ତି ତାହେଲେ ଠିକ ଅଛି । କଥା ହୋଇପାରିବେ । ଯଦି ସେ ଭୁଲ ତଥା ଅଭଦ୍ରାମି ଦେଖାଇ କଥା ହେଉଥାନ୍ତି ତାହେଲେ ତାକୁ ଛାଡିଦିଅ । ଆଉ କୌଣସି ଲୋକକୁ ଦେଖନ୍ତୁ ଯିଏ ଭଦ୍ର ସ୍ୱଭାବର ହୋଇଥିବ ଓ ଭଦ୍ରାମି ଦେଖାଇ କଥା କହୁଥିବ । ପ୍ରମାଣ ଦେଖାଇ କଥା କହୁଥିବ । ନିଜ କଥାର ପ୍ରମାଣ ଦେଉଥିବ ଓ ଆମ ଦଲିଲକୁ ବି ଶୁଣୁଥିବ । ତାହେଲେ ତାର ସମ୍ପୂର୍ଣ୍ଣ ନ୍ୟାୟ ସହିତ ବିଶ୍ଳେଷଣ କରନ୍ତୁ । ପୁଣି ଦେଖନ୍ତୁ ସତ୍ୟ କ'ଣ ଓ ମିଥ୍ୟା କ'ଣ ।

ପ୍ରଶ୍ନ:ଏହି ସାକ୍ଷାତକାର ସମୟରେ ଜଣେ ଛାତ୍ରୀ ହଜୁର୍ ଅନୱ୍ବର୍ ଅ ବ ଅଙ୍କ ଗୋଚରେ ଏକଥା ଜାଣିବାକୁ ଚାହିଁଲେ ଯେ , ଆପଣଙ୍କ ମାଆ ବାପାଙ୍କର କେଉଁ ଉପଦେଶ ଆପଣଙ୍କ ପାଇଁ ସବୁଠାରୁ ଅଧିକା ଲାଭଜନକ ସାବ୍ୟସ୍ତ ହୋଇଛି ? ଏଥିରେ ହଜୁର ଅନୱ୍ବର ଅ ବ ଅ କହିଲେ

ଉତର: ଏହାକି କେବେ ବି ମିଁଛ କହିବ ନାହିଁ ।

ପ୍ରଶ୍ନ:- ଆଉ ଜଣେ ଛାତ୍ରୀ ହଜୁର୍ ଅନୱ୍ବର୍ ଅ ବ ଅଙ୍କ ଗୋଚରେ ଏକଥା ଜାଣିବାକୁ ଚାହିଁଲେ ଯେ ଆଜିକାଲି ସୋସିଆଲ୍ ମିଡିଆରେ ଖବର ବ୍ୟାପିଚାଲିଛି ଯେ କପଡାର ବଡ ବଡ ବ୍ରାଣ୍ଡସ୍ କୋରୋନା ଭାଇରସ୍ ଯୋଗୁଁ ପାକିସ୍ତାନ ଓ ବାଙ୍ଗଲାଦେଶରେ ନିଜର ଗରୀବ କର୍ମଚାରୀମାନଙ୍କୁ ସେମାନଙ୍କର ପୂରା ପ୍ରାପ୍ୟ ଦେଉନାହାନ୍ତି । ଅଧିକାଂଶ ଲୋକଙ୍କ କହିବାର କଥା ଯେ ଏହି ବ୍ରାଣ୍ଡସର ବାଇକାଟ ହେବା ଉଚିତ । ହଜୁର ଆମକୁ ଏ ସମ୍ବନ୍ଧରେ କିଛି ଉପଦେଶ ଦିଅନ୍ତୁ । ଏହି ପ୍ରଶ୍ନର ଉତର ଦେଇ ହଜୁର୍ କହିଲେ

ଉତର:-ପ୍ରଶ୍ନ ହେଉଛି ଏହା କି ଏପରି ଯେଉଁ ବଡ ବଡ କମ୍ପାନୀଗୁଡିକ ଅଛନ୍ତି , ସେମାନେ ତ ପଇସା ଦେଇଦେଉଛନ୍ତି କାରଣ ସେମାନେ ଡାଇରେକ୍ଟ ନିଜର ଲେବର୍ ବା କର୍ମଚାରୀମାନଙ୍କ ନିକଟକୁ ଯାଇନଥାନ୍ତି । ସେଠିକାର କିଛି ଲୋକେ ଏପରି ଥାନ୍ତି ଯେଉଁମାନେ କନ୍ଟ୍ରାକ୍ଟ ନେଇଥାନ୍ତି , ସେମାନେ ଆଗକୁ କନ୍ଟ୍ରାକ୍ଟରେ କାମ କରାଇଥାନ୍ତି । ଏହି ବଡ ବଡ କମ୍ପାନୀଗୁଡିକ ସେମାନଙ୍କୁ କନ୍ଟ୍ରାକ୍ଟ ଦେଇଦିଅନ୍ତି । ପୁଣି ସେମାନେ ଲୋକାଲ୍ ଲେବର୍ ଲଗାଇ କାମ କରାଇଥାନ୍ତି । ଯଦି ସେମାନେ ଠିକ ଭାବରେ ଲେବର୍ ନଦେବେ ତାହେଲେ ସେମାନେ ଏକ୍ସପ୍ଲଏଟ୍ କରୁଛନ୍ତି । ଏଠାରେ ସେହି ଦେଶରେ ରହୁଥିବା ଲୋକମାନଙ୍କର ଭୂଲ । ଏଠିକାର ଯେଉଁ କମ୍ପାନୀଗୁଡିକ ଅଛନ୍ତି , ସେମାନଙ୍କର ତ ଏତେଟା ଭୂଲ ନାହିଁ । କାରଣ ସାଧାରଣତଃ ଏହା ଦେଖିବାକୁ ମିଳିଥାଏ ଯେ ଏମାନେ ତ ପଇସା ଦେଇଦେଇଥାନ୍ତି । କାଳେ ଜଣେ ଅଧେ କିଏ ଦେଉ ନଥିବେ । କାରଣ ଏମାନଙ୍କର ବଡ ବଡ ବେପାର ଏଇଥିପାଇଁ ଚାଲୁଅଛି ଯେ ଏମାନେ ଫେୟାର୍ ବିଜନେସ୍ କରିଥାନ୍ତି ଏବଂ ଲେବରମାନଙ୍କୁ ନ୍ୟାୟ ଦେଇ ତାଙ୍କର ପ୍ରାପ୍ୟ ଦେଇଥାନ୍ତି ।

ହଁ ଆଗକୁ ସେମାନଙ୍କର ସବ୍ କନ୍ଟ୍ରାକ୍ଟର ଅଛନ୍ତି ,ଯେଉଁମାନେ ପୁଣି ଆଗକୁ କନ୍ଟ୍ରାକ୍ଟରେ କାମ ଦେଇଥାନ୍ତି । ପୁଣି ସେହି କନ୍ଟ୍ରାକ୍ଟରମାନେ ଲେବର ଲଗାଇ କାମ କରାଇଥାନ୍ତି । ସେମାନେ ଅସଲରେ ଚିଟିଂ କରିଥାନ୍ତି । ତେଣୁ ବାଇକାଟ କରିବାରେ କଣ ଲାଭ ହେବ ? ଯାହା କିଛି ଅଳ୍ପ ବହୁତ ପାରିଶ୍ରମିକ ମିଳୁଅଛି ତାହା ବି ହାତରୁ ଚାଲିଯିବ । ବାକି ଯେଉଁ ଦେଶରେ ଏପରି ଅନୈତିକ କାମ ଚାଲିଛି ,ସେ ଦେଶରେ ତାଙ୍କର ନିଜର ନିୟମ କାନୁନ ରହିଛି । ସେମାନଙ୍କୁ ଆବଶ୍ୟକ ଯେ ସେମାନେ ନିଜ ଦେଶର ଲେବରମାନଙ୍କର ଧ୍ୟାନ ରଖନ୍ତୁ । ମଝିରେ ଯେଉଁ ଲୋକମାନେ ଅଛନ୍ତି ସେମାନଙ୍କଠାରୁ ସଠିକ ପ୍ରାପ୍ୟ ଆଦାୟ କରନ୍ତୁ ।

(ଜହିର୍ ଅହମଦ୍ ଖାନ୍ ,ମୁରବୀ ସିଲସିଲା ,ରେକର୍ଡ ବିଭାଗ ,ପି ଏସ୍ କାର୍ଯ୍ୟାଳୟ ଲଣ୍ଡନ୍)

(ଅଖବାର୍ ଅଲଫଜଲ୍ ଇଂଟରନ୍ୟାସନାଲ୍ ୦୭ ମଈ ୨୦୨୧ କୁ ଧନ୍ୟବାଦ )

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ତାହାକୁ ବନ୍ଧ କରାଯିବ । ଇସ୍‌ଲାମ୍ ବ୍ୟତୀତ କାହାରିଠାରୁ କୌଣସି ବି ବସ୍ତୁ ଗ୍ରହଣ କରାଯିବ ନାହିଁ । (ଅର୍ଥାତ ଇସଲମ୍ ଗ୍ରହଣ କରିବା ପ୍ରତିବଦଳରେ ଯଦି କିଏ କିଛି ଦେଇ ଯିବାକୁ ଚାହେଁ ତାହେଲେ ତାଠାରୁ ତାହା ଗ୍ରହଣ କରାଯିବ ନାହିଁ ) ।

ତେଣୁ ଯେଉଁ ବ୍ୟକ୍ତି ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲା ଓ ତାହକୁ ସ୍ୱୀକାର କରିନେଲା ତାହାଠାରୁ ହିଁ (ଜକାତ୍) ଗ୍ରହଣ କରାଯିବ ଓ ତାକୁ ଇସଲାମୀୟ ଶିକ୍ଷା ଦିଆଯାଉ । କିନ୍ତୁ ଯିଏ ମୁସଲମାନ ହୋଇ ଉକ୍ତ ଶିକ୍ଷା ଗ୍ରହଣ କରି ବିଧର୍ମୀ ହେଲା ପୁନଶ୍ଚ ଯୁଦ୍ଧ କଲା ସେ, ଇସ୍‌ଲାମୀୟ ଶିକ୍ଷାର ବିରୁଦ୍ଧାଚରଣ କରୁଅଛି ,ସେମାନଙ୍କୁ ବତାଇ ଦିଅ ଯେ ଇସ୍‌ଲାମ୍ ଧର୍ମର କଣ ବାସ୍ତବିକତା ରହିଛି । ଏହି ଧର୍ମର ସତ୍ୟା ସତ୍ୟ କଣ । ପୁଣି ସେମାନଙ୍କୁ ବତାଇଦିଅ ଯେ ତୁମେମାନେ ମୁସଲମାନ ହେବାର ସ୍ୱୀକାରୋକ୍ତି କରିବା ପରେ ଇସ୍‌ଲାମୀୟ ପ୍ରଶାସନ ବିରୁଦ୍ଧରେ ଯୁଦ୍ଧ କରିପାରିବ ନାହିଁ (ଓ ମୁସଲମାନ ହୋଇ ମୁସଲମାନମାନଙ୍କ ସହିତ ଯୁଦ୍ଧ ଲଢ଼ିବା ଇସ୍‌ଲାମୀୟ ନୀତି ନିୟମ ଓ ନିତିଶିକ୍ଷା ବିପରୀତ) । ଯିଏ ଅସ୍ୱୀକାର କରୁଅଛି ତା ସହିତ ଯୁଦ୍ଧ କରାଯାଇପାରିବ । ଯଦି ଅଲ୍ଲାଃ ତାଲା ସେହି ସେନା ମୁଖ୍ୟଙ୍କୁ ବିଧର୍ମୀ ଉପଦ୍ରବୀମାନଙ୍କ ଉପରେ ବିଜୟ ପ୍ରଦାନ କରନ୍ତି ତେବେ ସେମାନଙ୍କୁ ଅତ୍ୟନ୍ତ ନିର୍ମମ ଭାବରେ ଯୁଦ୍ଧାସ୍ତ୍ର ଦ୍ୱାରା ନୀହତ କରାଯିବ ଓ ସେମାନଙ୍କୁ ଅଗ୍ନୀରେ ନିକ୍ଷେପ କରାଯିବ । ଏହି ଆଦେଶ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ସେମାନଙ୍କୁ ଅର୍ଥାତ ସେନାଧକ୍ଷମାନଙ୍କୁ ପ୍ରଦାନ କରିଥିଲେ । ଏହାପରେ ସେହି ବିଧର୍ମୀମାନଙ୍କର ଯେଉଁ ଧନସମ୍ପତି ରହିଛି ତାହାକୁ ସେନାମୂଖ୍ୟମାନେ ତାହାର ପଂଚମାଂଶ ବ୍ୟତିତ ଅନ୍ୟ ସମସ୍ତ ଭାଗ ପରସ୍ପର ମଧ୍ୟରେ ବାଂଟିନେବେ । ସେହିପରି ସେହି ସେନାପତିମାନେ ନିଜ ସାଥିମାନଙ୍କୁ ଶିଘ୍ରତା ତଥା ଉପଦ୍ରବରୁ ରୋକନ୍ତୁ ଏବଂ ସେମାନଙ୍କ ମଧ୍ୟରେ କୌଣସି ଅପରିଚିତ ବ୍ୟକ୍ତି ପ୍ରବେଶ ନ କରୁ ଯେପର୍ଯ୍ୟନ୍ତ କି ସେହି ସେନାମୂଖ୍ୟ ଜାଣି ନ ନେବେ ଯେ ଉକ୍ତ ବ୍ୟକ୍ତି ମଧ୍ୟରେ କଣ ସାମର୍ଥତା ରହିଛି । ଏପରି ନ ହେଉ କି ସେହି ଅପରିଚିତ ବ୍ୟକ୍ତି କୌଣସି ଗୁଇନ୍ଦା ବା ଗୁପ୍ତଚର ହୋଇଥିବ ଏବଂ ସେମାନଙ୍କ ମଧ୍ୟରେ ସାମିଲ ହୋଇ ସେମାନଙ୍କର ଖବର ସଂଗ୍ରହ କରୁଥିବ ଏବଂ ଶତ୍ରୁପକ୍ଷକୁ ସୁଚିତ କରୁଥିବ । (ସଠିକ ଭାବରେ ଅନୁସନ୍ଧାନ କରି ସେହି ବ୍ୟକ୍ତିକୁ ଦଳରେ ସାମିଲ କରିବେ ଏପରି ନ ହେଉ ଯେ, ଏପରି ଗୁପ୍ତଚର ମୁସଲମାନମାନଙ୍କ ମଧ୍ୟରେ ପ୍ରବେଶ କରି )ମୁସଲମାନମାନଙ୍କ ପାଇଁ ବିପତି ନଆଣି ଦେଉ । (ତେଣୁ ସେନାପତି ପକ୍ଷେ ଏହା ଉଚିତ ହେବ ଯେ,) ସେ ଯାତ୍ରା ଓ ଅବସ୍ଥାନ ସମୟରେ ମୁସଲମାନମାନଙ୍କ ସହିତ ନମ୍ର ପ୍ରଦର୍ଶନ କରନ୍ତୁ ଏବଂ ସେମାନଙ୍କର ଦେଖଭାଲ୍ କରନ୍ତୁ । (ଅର୍ଥାତ୍ ମଧ୍ଵବର୍ତୀ ପନ୍ଥା ଅବଲମ୍ବନ କରି ସେମାନଙ୍କର ସମସ୍ତ କଥା ଓ ସମସ୍ୟା ବିଷୟରେ ବୁଝନ୍ତୁ । ସୈନ୍ୟବାହିନୀର ଗୋଟିଏ ଦଳକୁ ଅନ୍ୟ ଦଳଠାରୁ ପ୍ରସ୍ଥାନ କରିବାର ଆଦେଶ ଦେବାରେ ଶିଘ୍ରତା ପ୍ରଦର୍ଶନ ନ କରନ୍ତୁ । ମୁସଲମାନମାନଙ୍କ ସହିତ ସଦ୍ ବ୍ୟବହାର କରନ୍ତୁ ଓ ସେମାନଙ୍କ ସହିତ କୋମଳ ବଚନ ପ୍ରୟୋଗ କରି କଥାବାର୍ତା କରନ୍ତୁ । **(ତାରିଖେ ତିବରୀ ଖ-୨ ପୃ-୨୫୮-୨୫୯ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)**

କିଛି କଥା ଏପରି ରହିଥାଏ ଯାହାର ସ୍ୱଷ୍ଟିକରଣ କରାଯିବା ଉଚିତ କିନ୍ତୁ ଏଠାରେ ଏହାର ସ୍ୱଷ୍ଟିକରଣ କରାଯାଇନାହିଁ । ବେଳେ ବେଳେ ଏହାଦ୍ୱାରା ଇସଲାମ ଉପରେ ଏହାର ଭୂଲ ପ୍ରଭାବ ପଡିଥାଏ । ତେଣୁ ମୁଁ କେତେକ କଥାର ସ୍ୱଷ୍ଟିକରଣ ଗତ ଖୁତବାରେ କରିଦେଇଛି । ବେଳେବେଳେ ଇସ୍‌ଲାମ୍ ଧର୍ମଉପରେ ଏହାର ଭୂଲ ପ୍ରଭାବ ପଡିଥାଏ ତେଣୁ ଏହାର ସ୍ୱଷ୍ଟିକରଣ ବିଗତ ଖୁତ୍‌ବାରେ ମୁଁ କରିସାରିଛି ଯେ ଏହି ସମସ୍ତ ମୁରତଦ୍ଦୀନ୍ ଉପଦ୍ରବୀ ବିଧର୍ମୀମାନେ ଏପରି ଲୋକେ ଥିଲେ ଯେଉଁମାନେ ଯୁଦ୍ଧପ୍ରିୟ ଥିଲେ । ଏମାନେ କେବଳ ଯୁଦ୍ଧ କରିନଥିଲେ ବରଂ ଯେଉଁ ମୁସଲମାନମାନେ ଏମାନଙ୍କ ଅଂଚଳରେ ବସବାସ କରୁଥିଲେ ସେମାନଙ୍କ ସହିତ ଅତ୍ୟନ୍ତ ଅକଥନୀୟ ଅତ୍ୟାଚାର ପ୍ରଦର୍ଶନ କରିଥିଲେ ଓ ମୁସଲମାନମାନଙ୍କୁ ଶହୀଦ କରିଦେଇଥିଲେ ଏବଂ ଅଗ୍ନୀରେ ଦଗ୍ଧ କରିଦେଇଥିଲେ । ସେମାନଙ୍କ ଘରକୁ ମଧ୍ୟ ଜାଳି ଦେଇଥିଲେ । ତେଣୁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ କହିଲେ ଯେ ମୁସଲମାନମାନଙ୍କର ପ୍ରତିଶୋଧ ନିଶ୍ଚିତ ନିଆଯିବ । ଯେମିତିକି ହଜରତ ମସିହ ମଉଦ ଆ ସ ସେହି ଚିଠିରୁ ଉଦ୍ଧୃତ କରିଛନ୍ତି ଯେ, ସେମାନଙ୍କ ବିରୁଦ୍ଧରେ ସେହିପରି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ଉଚିତ । କାରଣ ଏପରି ଆଦେଶ ପବିତ୍ର କୁର୍‌ଆନ୍‌ରେ ମଧ୍ୟ ଉଲ୍ଲେଖ ରହିଛି ଯେ ଯେଉଁଭଳି ତୁମେ କର୍ମ କରିବ ସେହିଭଳି ପ୍ରତିଫଳ ପାଇବ କିନ୍ତୁ ଉକ୍ତ କଥାର ସ୍ୱଷ୍ଟିକରଣ ଅନ୍ୟ ଏକ ସ୍ଥାନରେ ଡ଼କ୍ଟର ଅଲୀ ମୁହମ୍ମଦ ସଲାବି ନାମକ ଜଣେ ଲେଖକ କରିଛନ୍ତି । ସେ ଉଲ୍ଲେଖ କରନ୍ତି ଯେ, ବିଧର୍ମୀ ଉପଦ୍ରବୀମାନଙ୍କୁ ଅଗ୍ନୀରେ ଜାଳି ଦିଆଯାଉ । ସେ ଲେଖଛନ୍ତି ଯେ କୌଣସି ଲୋକକୁ ନିଆଁରେ ଜଳାଇ ମାରବାର ଦଣ୍ଡ ତ ଦିଆଯାଇପାରିବ ନାହିଁ ବା ଏପରି ଜଳାଇବା ଉଚିତ ନୁହେଁ । (ଅର୍ଥାତ୍ ଯଦି ଜଣେ କାହାକୁ ଅଗ୍ନୀରେ ଜାଳି ଦେଇଥାଏ ତାହେଲେ ଏହାର ଦଣ୍ଡ ସ୍ୱରୂପ ତାହାକୁ ସେହିପରି ଶାସ୍ତି ଦେବା ଉଚିତ ନୁହେଁ) । ହଜୁର ସ ଆ ସ ଙ୍କ କଥନ ଏପରି ରହିଛି ଯେ **ଇନ୍ନନ୍ ନାରା ଲା ୟୁଅଜ୍ଜବୁ ବିହା ଇଲ୍ଲଲ୍ଲାହୁ** ଅର୍ଥାତ ଅଗ୍ନୀ ମାଧ୍ୟମରେ ଶାସ୍ତି ଦେବା କେବଳ ପରାକ୍ରମୀ ଅଲ୍ଲାଃ ତାଲାଙ୍କୁ ହିଁ ଅଧିକାର ରହିଛି । କିନ୍ତୁ ଏଠାରେ ସେହି ବିଧର୍ମୀ ଓ ଉପଦ୍ରବୀମାନଙ୍କୁ ଅଗ୍ନୀରେ ଭଷ୍ମୀଭୁତ କରିବାର ଆଦେଶ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ମୁସଲମାନ ସେନାକୁ ଏଥିପାଇଁ ଦେଇଥିଲେ ଯେ ସେହି ବିଧର୍ମୀ ଉପଦ୍ରବୀମାନେ ମୁସଲମାନମାନଙ୍କ ସହିତ ଏହିଭଳି ବର୍ବରକାଣ୍ଡ ଭିଆଇଥିଲେ । ତେଣୁ ପ୍ରତିଶୋଧ ସ୍ୱରୁପ ସେମାନଙ୍କ ସହିତ ସେହିଭଳି ଦଣ୍ଡ ବିଧାନ କରିବା ଅନିବାର୍ଯ୍ୟ ଥିଲା ।***(ସୟଦନା ଅବୁ ବକର୍ ର ଅ ଶଖସିୟତ୍ ଓ୍ୱ କାରନାମେ , ପୃ-୨୯୩, ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍)***

ତେଣୁକରି ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ସେମାନଙ୍କୁ ଅର୍ଥାତ ମୁସଲମାନମାନଙ୍କୁ ବିଧର୍ମୀମାନଙ୍କ ସହିତ ସମାନ ଆଚ୍ଚରଣ ପ୍ରଦର୍ଶନ କରିବାପାଇଁ ଆଦେଶ ଦେଇଥିଲେ ।

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ପତ୍ରର ଚର୍ଚ୍ଚାକରି ଉକ୍ତ ପୁସ୍ତକରେ ଏହା ଉଲ୍ଲେଖ କରାଯାଇଛି ଯେ ଯେଉଁ ଲୋକମାନେ ମୁସଲମାନମାନଙ୍କର ଧାଡ଼ି ଆଡ଼କୁ ଫେରିବାକୁ ଅସ୍ୱୀକାର କରିବେ, ବିଧର୍ମତା ଉପରେ ଅବିଚଳତା ପ୍ରଦର୍ଶନ କରିବେ, ସେମାନେ ଯୁଦ୍ଧଖୋର ଭାବରେ ଅଭିହିତ ହେବେ । ସେମାନଙ୍କ ଉପରେ ଆକ୍ରମଣ କରିବା ଜରୁରୀ ଅଟେ । ସେମାନଙ୍କୁ ହତ୍ୟା କରାଯାଉ ବା ଜାଳିଦିଆଯାଉ । (ସେମାନଙ୍କ ସହିତ ଯୁଦ୍ଧ ଅନିବାର୍ଯ୍ୟ ହେବ ସେମାନଙ୍ଗ୍ୟକ ବ୍ୟତିତ ଅନ୍ୟ ଯେଉଁମାନେ ରହିଗଲେ । ସେମାନଙ୍କ ଉପରେ ଆକ୍ରମଣ କରିବା ଆବଶ୍ୟକ ନୁହେଁ ,ସେମାନଙ୍କୁ ହତ୍ୟା କରିବା ଉଚିତ ନୁହେଁ)

***(ସୟଦନା ଅବୁ ବକର୍ ର ଅ ଶଖସିୟତ୍ ଓ୍ୱ କାରନାମେ , ପୃ-୨୯୪-୨୯୫ ,ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍)***

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ମଧ୍ୟ ଏହା କହିଛନ୍ତି ଯେ ଯେଉଁ ଲୋକମାନେ ତୁମମାନଙ୍କୁ ଦୁଃଖକଷ୍ଟ ଦେଇଥାନ୍ତି ଯେତେବେଳେ ତୁମକୁ ଶକ୍ତି ଓ ସାମର୍ଥ୍ୟ ପ୍ରାପ୍ତ ହେବ ସେତେବେଳେ ତୁମେ ମଧ୍ୟ ସେହି ଲୋକମାନଙ୍କୁ ସେହିପରି ଶାସ୍ତି ଦେବ ଯେଉଁଭଳି ନିର୍ଯ୍ୟାତନା, ଶାସ୍ତି ଓ ଦୁଃଖଯନ୍ତ୍ରଣା ସେମାନେ ତୁମକୁ ଦେଇଥିଲେ ଓ ଯେଉଁଭଳି ତୁମ ସହିତ ସେମାନେ ଆଚରଣ ପ୍ରଦର୍ଶନ କରିଥିଲେ , ତୁମେମାନେ ମଧ୍ୟ ସମାନ ସେହିପରି ଆଚରଣ ସେମାନଙ୍କ ସହିତ ପ୍ରଦର୍ଶନ କର । ଯେପରି କି ମୁଁ ଗତ ଖୁତ୍‌ବାରେ ବିଦ୍ରୋହୀମାନଙ୍କର ଚର୍ଚ୍ଚା କରିସାରିଛି ଯେ ବିଦ୍ରୋହୀ ତଥା ବିଧର୍ମୀ ଉପଦ୍ରବକାରୀମାନେ ମୁସଲମାନମାନଙ୍କୁ ଜୀବନ୍ତ ଦଗ୍ଧ କରିଦେଇଥିଲେ, ଓ ଉପଦ୍ରବକାରୀମାନେ ମୁସଲମାନମାନଙ୍କୁ ଅତ୍ୟନ୍ତ ନୃସଂଶନୀୟ ତଥା ବିଭତ୍ସ ଭାବରେ ଶହୀଦ କରିଦେଇଥିଲେ ଓ ସେମାନଙ୍କ ଘରକୁ ବି ଜାଳି ଦେଇଥିଲେ । ସେମାନଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ଜୀବନ୍ତ ଭଷ୍ମୀଭୂତ କରିଦେଇଥିଲେ । ତାଙ୍କର ଅଙ୍ଗପ୍ରତ୍ୟେଙ୍ଗକୁ କାଟି ଦେଇଥିଲେ ।

ଅତଏବ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ସେହି ବିଧର୍ମୀ ଉପଦ୍ରବକାରୀମାନଙ୍କୁ ହତ୍ୟା କରିବାପାଇଁ ଆଦେଶ ଦେଇଥିଲେ । ସେମାନଙ୍କ ସହିତ ସେହିଭଳି ଆଚରଣ ପ୍ରଦର୍ଶନ କରାଯିବା ପାଇଁ ଆପଣ ର ଅ ମୁସଲମାନ ସେନାକୁ ଆଦେଶ ଦେଇଥିଲେ । ସେ ଯାହା ହେଉ ନା କାହିଁକି ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତମାନ ଅଭ୍ୟାହତ ରହିଛି ଯାହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ବର୍ଣ୍ଣନା କରିବି ।

ପବିତ୍ର ରମ୍‌ଜାନ୍ ମାସରେ ରମ୍‌ଜାନ୍ ସଂକ୍ରାନ୍ତରେ ମଝିରେ କେତେକ ଖୁତ୍‌ବା ଆସିଯିବ ତେଣୁ ସମ୍ଭବତଃ ଏହି ଚର୍ଚ୍ଚାଟିକୁ ସମାପ୍ତ କରିବାରେ ସମୟ ଲାଗିଯିବ । ସେ ଯାହା ହେଉ ନା କାହିଁକି ଏହାର ଅବଶିଷ୍ଟାଂଶ ଓ ବିସ୍ତୃତ ବିବରଣୀ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

''ଯେତେବେଳେ ମୋ ପିତା ଖିଲାଫତର ଆସନରେ ବିରାଜମାନ ହେଲେ, ପ୍ରାରମ୍ଭରେ ହିଁ ଆପଣ ର:ଅ ପ୍ରତ୍ୟେକ ଦିଗରୁ ବିଭ୍ରାଟ ଓ ଅବତାରତ୍ୱର ମିଥ୍ୟା ଦାବିଦାର ତଥା କପଟବିଶ୍ୱାସୀ ବିଦ୍ରୋହୀଙ୍କର ସମ୍ମୁଖିନ ହୋଇଥିଲେ । ଆପଣ ର:ଅ ଙ୍କ ଉପରେ ଏତେ ମାତ୍ରାରେ ବିପତି ପଡିଥିଲା ଯେ ଅର୍ଥାତ ମୋ ବାପା ଏଭଳି ସମସ୍ୟାମାନର ସମ୍ମୁଖିନ ହୋଇଥିଲେ ଯେ ଯଦି ସେ ସବୁ ପାହାଡ ତଥା ପର୍ବତଗୁଡିକ ଉପରେ ପଡ଼ିଥାନ୍ତା,ତାହେଲେ ସେହି (ଦୃଢ଼ ଓ ଶକ୍ତ ପର୍ବତଗୁଡିକ) ମଧ୍ୟ ତତକ୍ଷଣାତ୍ ମାଟିରେ ମଶି ଧୂଳିସାତ ହୋଇଯାଇଥାନ୍ତେ । କିନ୍ତୁ ଆପଣ ର:ଅଙ୍କୁ ଅବତାରମାନଙ୍କ ପରି ଧୈର୍ଯ୍ୟ ପ୍ରଦାନ କରାଯାଇଥିଲା ।" (ହଜରତ୍ ଆଇଶା ର ଅ )

ଆଁ ହଜରତ୍ ସ୍ୱଲଲ୍ଲାହୁ ଆଲୈହେ ୱସ୍ ସଲ୍ଲମ୍ ଙ୍କ ମହାନ୍ ପଦମର୍ଯ୍ୟାଦାଧାରୀ ଖଲିଫା ରାଶିଦ୍ ସିଦ୍ଦିକେ ଅକବର୍ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଙ୍କ ଉଚ୍ଚତମ ସିଦ୍ଧତା ତଥା ଗୁଣଗାରିମାର ବିଶ୍ୱାସ ବର୍ଦ୍ଧକ ବର୍ଣ୍ଣନା

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଜଣେ ସୁଦକ୍ଷ ଯୋଜନାକାରୀ ତଥା ଭୌଗଳିକବିତ ଥିଲେ ଏବଂ ସେତେବେଳର ଜନବସତି ଓ ଆରବ ଉପଦ୍ୱୀପର ମାର୍ଗଗୁଡ଼ିକୁ ସେ ବେଶ୍ ଭଲ ଭାବରେ ଜାଣିଥିଲେ ଓ ସେଥି ସମ୍ବନ୍ଧରେ ଭଲଭାବରେ ଅବଗତ ଥିଲେ ।

ବିଭ୍ରାଟ ଓ ବିଦ୍ରୋହ ସମୟରେ ପ୍ରେରଣ କରାଯାଇଥିବା ସୈନ୍ୟ ଅଭିଯାନର ଚର୍ଚ୍ଚା

ହଜରତ୍ ଅବୁ ବକର୍ ର ଅ ସବୁବେଳେ ଏ ବିଷୟରେ ଅବଗତ ଥିଲେ ଯେ ତାଙ୍କ ସୈନ୍ୟସାମନ୍ତ କେଉଁ ଅଂଚଳରେ ଅଛନ୍ତି ଓ ସେ ନିଜ ସେନାବାହିନୀ ସହିତ ମଧ୍ୟ ଅତି ସୂକ୍ଷ୍ମ ସମ୍ପର୍କ ସ୍ଥାପନ ରକ୍ଷା କରିଥିଲେ ଫଳତଃ ସମଗ୍ର ସେନା ବାହିନୀ ପରସ୍ପର ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିଥିଲା । ତେବେ ଏହା ବାସ୍ତବ ପକ୍ଷେ ଖିଲାଫତର ବିଶେଷ ସଫଳତା ମଧ୍ୟରୁ ଗୋଟିଏ ସଫଳତା ଥିଲା ।

ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍ ୧୫ ଅପ୍ରେଲ୍ ୨୦୨୨ ଅନୁଯାୟୀ ୧୫ ଶାହାଦତ୍ ୧୪୦୧ ହିଜ୍‌ରି ଶମ୍‌ସି)

ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଗତ ଖୁତବା ପୂର୍ବରୁ ଯେଉଁ ଖୁତ୍‌ବା ହଜରତ ଅବୁବୁକର ସିଦ୍ଦିକ୍ ର:ଅ ଙ୍କ ଜୀବନୀ ସମ୍ବନ୍ଧରେ ଜାରି ରହିଥିଲା, ସେହି ଖୁତବା ଜୁମାରେ ବିଭିନ୍ନ ପ୍ରସଙ୍ଗରେ ଏ ଆଲୋଚନା ଚାଲିଥିଲା ଯେ, ହଜରତ ଅବୁବୁକର ସିଦ୍ଦିକ୍ ର:ଅ ମୁରତଦ୍ଦୀନ (ଅର୍ଥାତ ଧର୍ମକୁ ଛାଡି ବଧର୍ମି ହୋଇଯାଇଥିବା ଲୋକ)ମାନଙ୍କ ବିରୁଦ୍ଧରେ ଯେଉଁ ପଦକ୍ଷେପ ଗ୍ରହଣ କରିଥିଲେ ତାହାର ଉଦ୍ଦେଶ୍ୟ କଣ ଥିଲା । ସେହି ସମସ୍ତ ପ୍ରସଙ୍ଗରୁ ଏହା ପ୍ରମାଣିତ ହେଉଛି ଯେ, ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ମୁରତଦ୍ଦୀନ (ଅର୍ଥାତ ଧର୍ମକୁ ଛାଡି ବଧର୍ମି ହୋଇଯାଇଥିବା ଲୋକ)ମାନଙ୍କୁ ସ୍ୱଧର୍ମ ପରିବର୍ତନ କରିବାଯୋଗୁଁ ନୁହେଁ ବରଂ ସେମାନଙ୍କ ବିଦ୍ରୋହ ଯୋଗୁଁ ଓ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବାକୁ ଆଗେଇ ଆସିବା ଯୋଗୁଁ ହିଁ ଦଣ୍ଡିତ କରିଥିଲେ । ସେ ସମ୍ବନ୍ଧରେ ଏ ଯୁଗର ହକମ୍ ତଥା ଅଦଲ୍ (ଉଚିତ ନିଷ୍ପତି ତଥା ନ୍ୟାୟପ୍ରଦାନକାରୀ) ହଜରତ ମସିହ ମଉଦ ଆ:ସ ମଧ୍ୟ ହଜରତ ଅବୁବୁକର ସିଦ୍ଦିକ୍ ର:ଅ ଙ୍କ ଖିଲାଫତ୍ ସମୟରେ ସେହି ବିପଥଗାମୀମାନଙ୍କୁ ଦୁର୍ଜନ ଓ ବିଦ୍ରୋହୀ ଦର୍ଶାଇଛନ୍ତି ।

ସୁତରାଂ ଏ ବିଷୟରେ ଚର୍ଚ୍ଚାକରି, ଅର୍ଥାତ୍ ହଜରତ ଅବୁବୁକର ସିଦ୍ଦିକ୍ ର:ଅ ଙ୍କ ସାହସ ଏବଂ ବାହାଦୁରି କେତେ ଥିଲା , ସେ ବିଷୟରେ ଆପଣ ଆ:ସ କୁହନ୍ତି ଯେ "ଗବେଷକମାନଙ୍କଠାରୁ ଏକଥା ଅଛପା ନାହିଁ ଯେ ହଜରତ ଅବୁବୁକର ସିଦ୍ଦିକ୍ ର:ଅ ଙ୍କ ଖିଲାଫତ୍ ସମୟରେ ଭୟ ଓ ଅସ୍ଥିରତା ଲାଗିରହିଥିଲା । ଅତେବ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦେହାବସାନ ପରେ ଇସ୍‌ଲାମ୍ ଓ ମୁସଲମାନମାନଙ୍କ ଉପରେ ବିପତିର ସୁଅ ଛୁଟି ଯାଇଥିଲା । ଅନେକ ମୁନାଫିକ୍ (କପଟବିଶ୍ୱାସୀ) ମୁରତଦ୍ ହୋଇଯାଇଥିଲେ (ଅର୍ଥାତ ନିଜ ଧର୍ମ ପରିବର୍ତନ କରିନେଇଥିଲେ ଓ ସ୍ୱଧର୍ମରୁ ଓହରି ଯାଇଥିଲେ) । ମୁର୍ତଦ ମାନଙ୍କର ମୁହଁ ବହଳିଆ ହୋଇଯାଇଥିଲା । ସେହିଭଳି ଅପବଦାକାରୀମାନଙ୍କର ଗୋଟିଏ ଦଳ ଅବତାରତ୍ୱର ଦାବି ମଧ୍ୟ କରିନେଇଥିଲା । ଅଧିକାଂଶ ବାଦିଆ ନଶିନ୍ (ବେଦୁଇନ୍) ତାଙ୍କ ଚାରିପାଖରେ ଏକାଠି ହୋଇଗଲେ । ଏପରିକି ମୁସ୍‌ଲେମା ବିନ୍ କଜାବ୍‌ଙ୍କ ସାଥିରେ ପାଖାପାଖି ଏକ ଲକ୍ଷ ଅଶିକ୍ଷିତ ଓ ଅପକର୍ମୀ ସାମିଲ ହୋଇଗଲେ ଯଦ୍ୱାରା ବିଶୃଙ୍ଖଳା ତଥା ଅସ୍ଥିରତାର ଅଗ୍ନୀ ପ୍ରଜ୍ୱଳିତ ହୋଇଗଲା ଫଳତଃ ସେହି ଅସ୍ଥିରତା ଓ ବିପତି ଚାରିଆଡେ ବ୍ୟାପିଗଲା । ଏତଦ୍‌ଦ୍ୱାରା ମୋମିନ୍ (ଅର୍ଥାତ୍ ବିଶ୍ୱାସକାରୀ)ଙ୍କ ଉପରେ ଏକପ୍ରକାରର ଭୟଙ୍କର ଭୂମିକମ୍ପର କାୟା ବିସ୍ତାର ହୋଇଯାଇଥିଲା । ଏପରି ଉକ୍ଟ ପରିସ୍ଥିତିରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଖଲିଫା ନିର୍ବାଚିତ ହେଲେ, ଖିଲାଫତ ଆସନରେ ଅଧିଷ୍ଠିତ ହେଲେ । ସେତେବେଳେ ସମସ୍ତ ଲୋକମାନେ ପରୀକ୍ଷା ଘଣାରେ ପଡ଼ିଯାଇଥିଲେ ଅର୍ଥାତ ମୁସଲମାନମାନେ ଭୟଙ୍କର ବିପତି ଦେଖି ସେମାନଙ୍କର ବୁଦ୍ଧିଜ୍ଞାନ ହଜିଯାଇଥିଲା । ମୋମିନ୍ ଅର୍ଥାତ୍ ବିଶ୍ୱାସକାରୀମାନେ ଏପରି ଅସହାୟ ହୋଇଯାଇଥିଲେ ଯେ, ସତେଯେପରି ସେମାନଙ୍କ ହୃଦୟରେ ଜ୍ୱଳନ୍ତ ଅଗ୍ନୀପିଣ୍ଡ ପ୍ରଜ୍ୱଳିତ ହେଉଥିଲା ଅଥବା ସେମାନେ ଛୁରୀଦ୍ୱାରା ଜେଭ ହୋଇଚାଲୁଥିଲେ । କଦାଚିତ ସେମାନେ ହଜୁର ସ:ଆ:ସଙ୍କ ବିରହ ବିଚ୍ଛେଦ ଯୋଗୁଁ ଓ କଦାଚିତ୍ ବିଦ୍ରୋହୀମାନଙ୍କର ବିଭ୍ରାଟ ଓ ବିଶୃଙ୍ଖଳା ଯୋଗୁଁ ଦୁଃଖରେ ଜଳିପୋଡ଼ି ଭଷ୍ମୀଭୁତ ହୋଇଯାଉଥିଲେ ତେଣୁ ଦୁଃଖରେ କ୍ରନ୍ଦନ କରୁଥିଲେ । କାଣିଚାଏ ମଧ୍ୟ ଶାନ୍ତି ସେମାନଙ୍କ ମନରେ ନଥିଲା । ବିଭ୍ରାଟକାରୀମାନେ ଅସନା ଓ ମଇଳାଗଦା ଉପରେ ବଢୁଥିବା ସବୁଜିମା ସଦୃଶ ଆଚ୍ଛାଦିତ ହୋଇଯାଇଥିଲେ । ମୋନିନ୍ ଅର୍ଥାତ୍ ବିଶ୍ୱାସକାରୀଙ୍କ ଭୟ ତଥା ବ୍ୟତିବ୍ୟସ୍ତତାର ଅବସ୍ଥା ଅତିଶୟ ବଢ଼ିଯାଇଥିଲା । ହୃଦୟ ଭିତରେ ଆତଙ୍କ ଓ ଅସ୍ଥିରତା ଭରି ରହିଥିଲା । ଏହିଭଳି ଘଡିସନ୍ଧି ମୁହୂର୍ତରେ ହଜରତ ଅବୁବୁକର ସିଦ୍ଦିକ୍ ର ଅ ଙ୍କୁ ହାକିମେ ୱକତ୍(ସେ ସମୟର ହାକିମ) ତଥା ହଜରତ୍ ଖାତମୁନ୍ ନବିୟିନ୍ ସ ଆ ସ ଙ୍କ ଖଲିଫା ଭାବରେ ନିର୍ବାଚିତ କରାଗଲା । କପଟବିଶ୍ୱାସୀ, ଅମାନ୍ୟକାରୀ ଓ ଧର୍ମ ପରିବର୍ତନକାରୀଙ୍କ ଆଚାର ବ୍ୟବହାର ପରିଲକ୍ଷିତ କରି ହଜରତ ଅବୁବୁକର ସିଦ୍ଦିକ୍ ର:ଅ ଦୁଃଖରେ ଭାଙ୍ଗି ପଡ଼ିଲେ । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଏପରି ରୋଦନ କରୁଥିଲେ ଯେପରି ଆଷାଢ଼ର ବର୍ଷାଝଡ଼ି ଲାଗିରହିଥାଏ । ଆପଣ ର:ଅଙ୍କ ଚକ୍ଷୁରୁ ଅଶ୍ରୁଧାରା କ୍ରମାଗତ ଭାବରେ ବହି ଚାଲିଥିଲା ଏବଂ ଆପଣ ର:ଅ ଇସ୍‌ଲାମ୍ ଓ ମୁସଲମାନମାନଙ୍କ ମଙ୍ଗଳପାଇଁ ଦୁଆ କରିଚାଲିଥିଲେ ।

ହ ଆଇଶା ର:ଅ କୁହନ୍ତି: ଯେତେବେଳେ ମୋ ପିତା ଖିଲାଫତର ଆସନରେ ବିରାଜମାନ ହେଲେ, ପ୍ରାରମ୍ଭରେ ହିଁ ଆପଣ ର:ଅ ପ୍ରତ୍ୟେକ ଦିଗରୁ ବିଭ୍ରାଟ ଓ ଅବତାରତ୍ୱର ମିଥ୍ୟା ଦାବିଦାର ତଥା କପଟବିଶ୍ୱାସୀ ବିଦ୍ରୋହୀଙ୍କର ସମ୍ମୁଖିନ

ହୋଇଥିଲେ । ଆପଣ ର:ଅ ଙ୍କ ଉପରେ ଏତେ ମାତ୍ରାରେ ବିପତି ପଡିଥିଲା ଯେ ଅର୍ଥାତ ମୋ ବାପା ଏଭଳି ସମସ୍ୟାମାନର ସମ୍ମୁଖିନ ହୋଇଥିଲେ ଯେ ଯଦି ସେ ସବୁ ପାହାଡ ତଥା ପର୍ବତଗୁଡିକ ଉପରେ ପଡ଼ିଥାନ୍ତା,ତାହେଲେ ସେହି (ଦୃଢ଼ ଓ ଶକ୍ତ ପର୍ବତଗୁଡିକ) ମଧ୍ୟ ତତକ୍ଷଣାତ୍ ମାଟିରେ ମଶି ଧୂଳିସାତ ହୋଇଯାଇଥାନ୍ତେ । କିନ୍ତୁ ଆପଣ ର:ଅଙ୍କୁ ଅବତାରମାନଙ୍କ ପରି ଧୈର୍ଯ୍ୟ ପ୍ରଦାନ କରାଯାଇଥିଲା ।"

ହଜରତ ମସିହ ମଉଦ ଆ:ସ କୁହନ୍ତି: "ଏପରି କି ପରମେଶ୍ୱରଙ୍କର ସାହାଯ୍ୟ ସହଯୋଗ ଅବତୀର୍ଣ୍ଣ ହେଲା ଅବତାରତ୍ୱର ମିଥ୍ୟା ଦାବିଦାର ନୀହତ ହେଲେ ଓ ମୁରତଦୀନ୍ (ଅର୍ଥାତ୍ ବିପଥଗାମୀମାନେ) ନିପାତ ହେଲେ । ବିଭ୍ରାଟର ମୂଳପ୍ରାଟନ କରିଦିଆଗଲା ଓ ମାମଲାଗୁଡିକର ନିଷ୍ପତି କରିଦିଆଗଲା । ଖିଲାଫତ୍‌କୁ ସୁଦୃଢ କରିଦିଆଗଲା ଏବଂ ସର୍ବଶକ୍ତିମାନ ଅଲ୍ଲାଃ ତାଲା ମୋମିନମାନଙ୍କୁ ଅର୍ଥାତ୍ ବିଶ୍ୱାସକାରୀମାନଙ୍କୁ ବିପତିରୁ ଉଦ୍ଧାର କରି ସେମାନଙ୍କର ଭୟପ୍ରଦ ଅବସ୍ଥାକୁ ଶାନ୍ତିରେ ରୂପାନ୍ତରିତ କରିଦିଆଗଲା ଓ ସେମାନଙ୍କପାଇଁ ଧର୍ମକୁ ସମୃଦ୍ଧି ପ୍ରଦାନ କରିଦିଆଗଲା ଏବଂ ଏକ ସଂସାରକୁ ସତ୍‌ପଥରେ ପ୍ରତିଷ୍ଠିତ କରିଦିଆଗଲା । ବିଭ୍ରାଟକାରୀଙ୍କ ଚେହେରାରେ କାଳିମା ବୋଳିଦିଆଗଲା ଏବଂ ଅଲ୍ଲାଃତାଲା ନିଜର ପ୍ରତିଶୃତି ପୂରଣ କଲେ ଓ ନିଜର ଭକ୍ତ (ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ)ଙ୍କୁ ସାହାଯ୍ୟ କଲେ ଏବଂ ଅନ୍ୟପଟେ ଦୁଷ୍ଟ ସରଦାର୍ ତଥା ପ୍ରତିମାଗୁଡିକୁ ଧ୍ୱଂସ କରିଦିଆଗଲା । ପୁଣି ଅଲ୍ଲାଃତାଲା ଅମାନ୍ୟକାରୀଙ୍କ ହୃଦୟରେ ଏପରି ପ୍ରତାପ ଓ ଭୟ ସୃଷ୍ଟି କରିଦେଲେ ଯେ ଏତତ୍‌ଦ୍ୱାରା ସେମାନଙ୍କ ମନବଳ ଭାଙ୍ଗି ଚୁରମାର ହୋଇଗଲା । ପରିଶେଷରେ ସେମାନେ ତୌବା କରି (ଇସଲାମ୍‌କୁ) ଫେରିଗଲେ ଏବଂ ସମସ୍ତ ଇସ୍‌ଲାମ୍ ନିୟମ କାନୁନ୍‌ର ସ୍ୱୀକାର କଲେ ଓ ଇସ୍‌ଲାମ୍ ଧର୍ମକୁ ପ୍ରତ୍ୟାବର୍ତନ କରି ଆସିଲେ । ଏହା ହିଁ ପରାକ୍ରମୀ ପ୍ରଭୁଙ୍କର ପ୍ରତିଶୃତି ଥିଲା । ସେହିଁ ସମସ୍ତ ସତ୍ୟବାଦୀମାନଙ୍କଠାରୁ ବଳି ସତ୍ୟବାଦୀ ଅଟନ୍ତି । ସୁତରାଂ ଟିକିଏ ଚିନ୍ତାକରି ଦେଖ ଯେ କିପରି ଖିଲାଫତ୍ ର ପ୍ରତିଶୃତି ନିଜର ସମସ୍ତ ଆନିଷଙ୍ଗିକ ତଥା ଲକ୍ଷଣଗୁଡିକ ସହିତ (ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ)ଙ୍କ ଜରିଆରେ ପୂରଣ ହେଲା । ମୁଁ ଅଲ୍ଲାଃ ତାଲାଙ୍କ ନିକଟରେ ଦୁଆ କରୁଅଛି ଯେ, ସେ ଏହି ଅନୁସନ୍ଧାନ କରିବା ସକାଶେ ତୁମ ହୃଦୟ ଉନ୍ମୁକ୍ତ କରିଦିଅନ୍ତୁ ।" ହଜରତ ମସିହ ମଉଦ ଆ:ସ କୁହନ୍ତି: "ଚିନ୍ତା କରି ଦେଖ ଆପଣଙ୍କ (ଅର୍ଥାତ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ)ର ଖଲିଫା ହେବା ସମୟରେ ମୁସଲମାନମାନଙ୍କ ଅବସ୍ଥା କ'ଣ ଥିଲା । ଚର୍ତୁଃପାଶ୍ୱରୁ ସମସ୍ୟାର ଅଗ୍ନୀ ଇସ୍‌ଲାମ୍‌କୁ ଏପରି ଘେରି ରହିଥିଲା ଯେମିତି ଜଣେ ବ୍ୟକ୍ତିକୁ ଅଗ୍ନୀରେ ଜାଳି ଦେଲେ ତାହାର ଅବସ୍ଥା ହୋଇଥାଏ । କିନ୍ତୁ ପ୍ରଭୁ ଇସ୍‌ଲାମ୍‌କୁ ତାହାର ଶକ୍ତି ଓ ଭବ୍ୟତା ଫେରାଇ ଗଭୀର କୂପରୁ ଉଦ୍ଧାର କରି ଆଣିଲେ । ନବୁଓ୍ୱତର ମିଥ୍ୟା ଦାବିଦାର ମାନେ ଯନ୍ତ୍ରଣାରେ ପଡି ମଲେ ଓ ମୁରତଦ୍ଦୀନ୍ ମାନେ ଚାରିଗୋଡିଆ ଜୀବମାନଙ୍କ ସଦୃଶ ଧ୍ୱଂସ ହୋଇଗଲେ । ଏହି ବିପତି ଦୂର ହେବା ପରେ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ , ଯେଉଁମାନେ ଏକପ୍ରକାରର ମୃତପ୍ରାୟଥିଲେ, ଶାନ୍ତି ଏବଂ ଆନନ୍ଦରେ ପ୍ରଫୁଲ୍ଲିତ ହୋଇ ଉଠିଲେ । ସେମାନେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ଅଭିନନ୍ଦନ ଜଣାଇଲେ ଏବଂ ତାଙ୍କ ସହିତ ଦଳ ଦଳ ହୋଇ ସାକ୍ଷାତ କରିଲେ । ଆପଣ ର ଅ ଙ୍କର ଭୂରି ଭୂରି ପ୍ରଶଂସା କଲେ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଆପଣ ର:ଅଙ୍କ ପାଇଁ ପ୍ରର୍ଥନା କରିଥିଲେ । ଆପଣ ର ଅ ଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଓ ଆପଣ ର:ଅଙ୍କ ଆଦେଶ ପାଳନ କରିବା ପାଇଁ ଧାଇଁଆସୁଥିଲେ । ସେମାନେ ଆପଣ ର ଅ ଙ୍କ ପ୍ରତି ଥିବା ପ୍ରେମକୁ ନିଜ ନିଜର ହୃଦୟଭିତରେ ଧରି ରଖିଲେ । (ଅର୍ଥାତ ସେମାନେ ଏ ଶପଥ କଲେ ଏବଂ ଆପଣ ର:ଅଙ୍କୁ ନିଜ ହୃଦୟର ଗଭୀରତମ ପ୍ରଦେଶରୁ ପ୍ରେମ କରିବାର ପ୍ରତିଶୃତି କଲେ) । ସେମାନେ ଆପଣ ର:ଅଙ୍କ ସମସ୍ତ ଆଦେଶର ପାଳନ କରୁଥିଲେ ତଥା ଆପଣ ର ଅ ଙ୍କର କୃତଜ୍ଞତା ଜ୍ଞାପନ କରୁଥିଲେ । (ଅର୍ଥାତ ଆଜ୍ଞାପାଳନ କରିବାର ମଧ୍ୟ ଶପଥ କଲେ । ନିଜର ସମସ୍ତ ମାମଲାରେ ଆପଣ ର:ଅଙ୍କର ଆଜ୍ଞାପାଳନ କରିବାର ସାକ୍ଷ୍ୟ ଦେଲେ) । ସେହି ଦୁଃଖକଷ୍ଟ ଅନ୍ତେ ମୋମିନମାନଙ୍କର ହୃଦୟ ଆଲୋକିତ ହୋଇଗଲା ଓ ଚେହେରା ପ୍ରଫୁଲ୍ଲିତ ହୋଇଗଲା ଓ ସେମାନେ ପ୍ରେମ ଓ ଭଲପାଇବାରେ ବଢିଗଲେ ତଥା ପୂର୍ଣ୍ଣ ପ୍ରଚେଷ୍ଟା କରି ଆପଣ ର ଅ ଙ୍କର ଆଜ୍ଞାବହତା ସ୍ୱୀକାର କଲେ । ସେମାନେ ଆପଣ ର ଅଙ୍କୁ ଜଣେ ଆଶୀର୍ବାଦପ୍ରାପ୍ତ ଅସ୍ତିତ୍ୱ ଓ ନବିମାନଙ୍କ ପରି ଜଣେ ସାହଯ୍ୟ ସହେଯାଗପ୍ରାପ୍ତକାରୀ ଅନୁମୋଦିତ ବ୍ୟକ୍ତିବିଶେଷ ମଣୁଥଲେ । ଏ ସବୁକିଛି ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କର ସତ୍ୟତା ଓ ଦୃଢ଼ ବିଶ୍ୱାସଯୋଗୁଁ ସମ୍ଭବ ହୋଇପାରିଥିଲା ।"

(ସିର୍ରୁଲ୍ ଖିଲାଫାଃ ଆରବୀ ବାକ୍ୟର ଉର୍ଦ୍ଦୁ ଅନୁବାଦ ,ପ୍ରକାଶକ ନିଜାରତ୍ ଇଶାଅତ୍ , ପୃ-୪୭-୫୧)

ଏହି ସିର୍ରୁଲ୍ ଖିଲାଫାଃ ହଜରତ ମସିହ ମଉଦ ଆ:ସଙ୍କର ଗୋଟିଏ ପୁସ୍ତକର ନାମ । ଏହା ଥିଲା ସେହି ସିର୍ରୁଲ୍ ଖିଲାଫାରେ ଥିବା ଆରବୀ ବାକ୍ୟର ଉର୍ଦ୍ଦୁ ଅନୁବାଦ ।

ବିଶୃଙ୍ଖଳା ଓ ବିଦ୍ରୋହର ଯେବେ ସୂତ୍ରପାତ ହେଲା ସେତେବେଳେ ତାହାର ମୂଳୋପ୍ରାଟନ ନିମନ୍ତେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ କେତେକ ସୈନ୍ୟଦଳ ପ୍ରେରଣ କଲେ ଯାହାକି ମୁଁ ପୂର୍ବରୁ ଆଲୋଚନା କରିଆସିଛି ଯେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦେହାନ୍ତ ପରେ ଉଣାଅଧିକେ ସମଗ୍ର ଆରବ ସ୍ୱଧର୍ମରୁ ଓହରି ଗଲେ । କିଛି ଲୋକ ତ ଏମିତି ଥିଲେ ଯେଉଁମାନେ କେବଳ ଜକାତ ଦେବାକୁ ମନା କରିଦେଲେ । ସେମାନଙ୍କ ବିପକ୍ଷରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଯାହା ପଦକ୍ଷେପ ଗ୍ରହଣ କରିଥିଲେ ତାହା ମୁଁ ପୂର୍ବରୁ ଆଲୋଚନା କରିଆସିଛି ।

ଏବେ ଦ୍ୱିତୀୟ ଦଳ ବିଷୟରେ ଚର୍ଚ୍ଚା କରାଯିବ । ଯେଉଁମାନେ ନା କେବଳ ଇସଲାମ୍ ଧର୍ମ ପରତ୍ୟାଗ କରି ସ୍ୱଧର୍ମରୁ ଫେରି ଯାଇଥିଲେ ଓ ବିଦ୍ରୋହ ଆରମ୍ଭ କରିଦେଇଥିଲେ, ବରଂ ମୁସଲମାନମାନଙ୍କୁ ହତ୍ୟା କରିଚାଲିଲେ । ସୁତରାଂ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ସେମାନଙ୍କୁ ଦଣ୍ଡ ଦେବାପାଂଇ ପଣ କଲେ । ଅତଏବ ବିଦାୟା ଓ୍ୱ ନହାୟାରେ ଉଲ୍ଲେଖ ରହିଛି ଯେ, ହଜରତ ଉସାମାଙ୍କ ସୈନ୍ୟଦଳ କିଛି ସମୟ ବିଶ୍ରାମ ନେବା ପରେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ନିଜର ତରବାରୀ ଧରି ଇସ୍‌ଲାମୀୟ ସେନା ସାଥିରେ ମଦିନାରୁ ଜୁଲ୍‌କିସାଃ ଆଡ଼କୁ ବାହାରିଗଲେ ଯାହାକି ମଦିନାଠାରୁ ସେ ସମୟରେ ଯାହା ବି ଯାତ୍ରା କରିବାର ସାଧନ ଥିଲା, ସେହି ସାଧନ ମୁତାବକ ଗୋଟିଏ ଦିନ ତଥା ଗୋଟିଏ ରାତ୍ରୀ ଦୂରତାର ଯାତ୍ରା ଥିଲା । (ଅର୍ଥାତ୍ ସେତେବେଳେ ଯାତ୍ରା କରିବାର ପାଇଁ ଯେଉଁ ବାହନ ଇତ୍ୟାଦି ଥିଲା ସେହି ବାହନ ମାଧ୍ୟମରେ ଗୋଟିଏ ଦିନ ଓ ଗୋଟିଏ ରାତ୍ରି ସମୟ ଲାଗୁଥିଲା ସେଠାରେ ପହଂଚିବା ପାଇଁ) । ସାହାବାଗଣ, ଯେଉଁମାନଙ୍କ ମଧ୍ୟରେ ହଜରତ ଅଲୀ ର:ଅ ମଧ୍ୟ ଉପସ୍ଥିତ ଥିେ,ସେ ଏକଥା ହଜରତ ଅବୁ ବକର୍ ର:ଅଙ୍କୁ ବାରମ୍ବାର କହୁଥିଲେ ଯେ, ଆପଣ ର:ଅ ମଦିନା ଫେରିଯାଆନ୍ତୁ ଏବଂ ଏହି ଗାଁଉଲି ବିରୋଧିମାନଙ୍କ ମୁକାବିଲା ପାଇଁ ଅନ୍ୟ କୌଣସି ବାହାଦୁର ବ୍ୟକ୍ତିକୁ ନିଜ ସ୍ଥାନରେ ମୃତୟନ କରିଦିଅନ୍ତୁ । ହଜରତ୍ ଆଇଶା ର:ଅ କୁହନ୍ତି: ମୋ ପିତା ଯୁଦ୍ଧବସ୍ତ୍ର ପରିଧାନ କରି ତରବାରୀ ଧରି ବାହାନ ଉପରେ ବସି ବାହାରି ଗଲେ । ହଜରତ ଅଲୀ ର:ଅ ଆପଣ ର:ଅଙ୍କ ଓଟର ରସି ଧରି ଅନୁରୋଧ କଲେ ଯେ, ହେ ରସୁଲୁଲ୍ଲାଃ ସ:ଆ:ସଙ୍କ ଖଲିଫା ! ମୁଁ ଆପଣଙ୍କୁ ସେହି କଥା କହୁଛି ଯେଉଁକଥା ହଜୁର ସ:ଆ:ସ ଓ୍ୱହଦ ଯୁଦ୍ଧ ଦିନ କହିଥିଲେ । ଆପଣ ଖଣ୍ଡା କାହିଁକି ଧରିଛନ୍ତି ? (ଆପଣଙ୍କ ଜୀବନ ମୂଲ୍ୟବାନ । ଆପଣଙ୍କ ଯୋଗୁଁ ଆମେ ସମସ୍ୟା ଘେରରେ ପଡ଼ିଯିବୁ) ଆପଣଙ୍କ ଜୀବନ ପାଇଁ ଆମକୁ ବିପତିରେ ପକାନ୍ତୁ ନାହିଁ । (ଯଦି ଆପଣଙ୍କର କିଛି ଅନିଷ୍ଟ ଘଟେ ତେବେ ଅନର୍ଥ ହୋଇଯିବ ।) ଈଶ୍ୱରଙ୍କ ରାଣ ! ଯଦି ଆମକୁ ଆପଣଙ୍କ ଜୀବନ ଯୋଗୁଁ କୌଣସି ଅସୁବିଧା ହୁଏ ତାହେଲେ ଆପଣଙ୍କ ଅନ୍ତେ ଇସ୍‌ଲାମ୍‌ର ସମସ୍ତ ବ୍ୟବସ୍ଥା ଧୂଳିସାତ ହୋଇଯିବ ଓ ତାହାର ଚିହ୍ନ ବର୍ଣ୍ଣ ରହିବ ନାହିଁ । କିଛି ବାକି ରହିବ ନାହିଁ । ଏଥିରେ ହଜରତ ଅବୁ ବକର୍ ର:ଅ ତାଙ୍କ ଅନୁରୋଧ ରକ୍ଷା କରି ସେଠାରୁ ମଦିନା ଫେରିଗଲେ ଏବଂ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ସେନାକୁ ପ୍ରେରଣ କରିଦେଲେ ।

(ଅଲବିଦାୟାଃ ୱନ୍ ନହାୟାଃ, ଖ-୩, ଭା-୬,ପୃ-୩୧୧-୩୧୨ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା)

ଯେତେବେଳେ ହଜରତ୍ ଉସାମାଃ ର ଅ ଏବଂ ତାଙ୍କ ସେନା ଆରାମ କରିନେଲେ ଓ ସେମାନଙ୍କ ବାହାନଗୁଡିକ ବି ତାଜାଦମ୍ ହୋଇ ଆରାମ କରିନେଲେ । ସେହିପରି ଜକାତ ର ଧନ ବି ବହୁଳମାତ୍ରାରେ ଠୁଳ ବି ହୋଇଗଲା ,ଯାହା ମୁସଲମାନମାନଙ୍କ ଆବଶ୍ୟକତାଠାରୁ ଅଧିକା ଥିଲା । ସୁତରାଂ ବିଦ୍ରୋହୀମାନଙ୍କ ମୂଳୋତ୍ପାଟନ ନିମନ୍ତେ ହଜରତ ଅବୁ ବକର୍ ର:ଅ ଯୁଦ୍ଧ କୂଟନୀତି ଆକାରରେ ମୁସଲମାନ ସେନାକୁ ବିଭକ୍ତ କରିଦେଇଥିଲେ ଏବଂ ୧୧ ଟି ଧ୍ୱଜା ପ୍ରସ୍ତୁତ କରାଇଲେ ।

ଗୋଟିଏ ଧ୍ୱଜା ହଜରତ ଖାଲିଦ୍ ବିନ୍ ୱଲିଦ୍ ର:ଅଙ୍କ ପାଇଁ ପ୍ରସ୍ତୁତ କରିଲେ ଓ ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ତୁଲୈହା ବିନ୍ ଖୁୱେଲିଦ୍ ଙ୍କ ସହିତ ମୁକାବିଲା କରିବା ପାଇଁ ଯାଆନ୍ତୁ । ଏବଂ ତା'ପରେ (ଅର୍ଥାତ ତୁଲୈହା ବିନ୍ ଖୁୱେଲିଦ୍‌କୁ ପରାସ୍ତ କରିବା) ପରେ ବୁତାଃଠାରେ ମାଲିକ ବିନ୍ ନୁୱେରା ସହିତ ମୁକାବିଲା କରିବା ପାଇଁ ଯାଆନ୍ତୁ । ଯଦି ସେ ସେପର୍ଯ୍ୟନ୍ତ ଦୃଢତାର ସହିତ ଜମି ରହେ । ଏମାନେ ସମସ୍ତେ ମୁରତଦ୍ଦୀନ ଅର୍ଥାତ୍ ଧର୍ମପରତ୍ୟାଗ କରିଥିବା ଲୋକେ ଥିଲେ । ସେମାନେ ଯୁଦ୍ଧ କରିବାକୁ ଚହୁଁଥିଲେ । ବନୁ ଅସଦ୍ ଇଲାକାରେ ଥିବା ଗୋଟିଏ ଝରଣାର ନାମ ଥିଲା ବୁତାହ୍ । ସେହି ସ୍ଥାନ ଆଡକୁ ଯିବା ପାଇଁ ଆପଣ ର ଅ ତାଙ୍କୁ ନିର୍ଦ୍ଦେଶ ଦେଲେ । ପୁଣି ହଜରତ ଅକ୍‌ରମା ବିନ୍ ଅବୁ ଜହଲ୍‌ଙ୍କ ପାଇଁ ଗୋଟିଏ ଧ୍ୱଜା ପ୍ରସ୍ତୁତ କଲେ ଓ ତାଙ୍କୁ ମୁସ୍‌ଲେମାଙ୍କ ବିରୋଦ୍ଧରେ ପ୍ରେରଣ କରିଥିଲେ । ତୃତୀୟ ଧ୍ୱଜା ହଜରତ ମୁହାଜରି ବିନ୍ ଅବୁ ଉମୈୟାଙ୍କ ପାଇଁ ବାନ୍ଧିଲେ ଓ ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ଅନ୍‌ସିର ସେନା ବିରୋଧରେ ଯାଇ ଯୁଦ୍ଧ କରନ୍ତୁ । ପୁଣି ହଜରତ କୈସ୍ ବିନ୍ ମକ୍‌ଶୁହ୍‌ଙ୍କୁ କିନ୍ଦା ର ସେନା ବିରୋଧରେ ଯୁଦ୍ଧ କରିବା ପାଇଂ ହଜ୍ରେ ମୌତ୍ ଯିବାକୁ ନିର୍ଦ୍ଦେଶ ଦେଲେ । ହଜ୍ରେ ମୌତ୍ ବି ୟମନର ଗୋଟିଏ ଇଲାକାର ନାମ । ଚତୃଥ ଧ୍ୱଜା ହଜରତ ଖାଲିଦ୍ ବିନ୍ ସଇଦ୍ ବିନ୍ ଆସଙ୍କ ପାଇଁ ପ୍ରସ୍ତୁତ କଲେ ଓ ତାଙ୍କୁ ହମ୍‌କତୈନ ସେନା ବିରୋଧରେ ପ୍ରେରଣ କରିଥିଲେ ଓ ତାହା ସିରିଆ ଦେଶର ସୀମାରେ ଅବସ୍ଥିତ ଥିଲା । ସେହିପରି ପଂଚମ ଧ୍ୱଜା ହଜରତ ଅମ୍‌ରୋ ବିନ୍ ଆସଙ୍କ ନିମନ୍ତେ ତିଆରି କଲେ ଏବଂ କୁଜାଆ ୱଦିୟା ତଥା ହାରିସ୍‌ର ଗୋଷ୍ଠୀ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ସେମାନଙ୍କ ଅଂଚଳକୁ ପ୍ରେରଣ କରିଥିଲେ । ଷଷ୍ଠ ଧ୍ୱଜା ହଜରତ ହୁଜୈଫା ବିନ୍ ମିହ୍‌ସନ୍ ଗଲ୍‌ଫାନି ର ଅଙ୍କ ପାଇଁ ପ୍ରସ୍ତୁତ କରି ତାଙ୍କୁ ଅହଲେ ଦବାଙ୍କ ସେନା ବିରୁଦ୍ଧରେ ପ୍ରେରଣ କରିଥିଲେ । ଦବା ଇଲାକାଟି ବି ଓମାନ୍ ରେ ଆରବର ଗୋଟିଏ ବଜାରର ନାମ ଥିଲା । ତାହା ଓମାନର ଗୋଟିଏ ପୁରୁଣା ତଥା ପ୍ରଶିଦ୍ଧ ସହର ଥିଲା । ସେଠାରେ ମାର୍କେଟ୍ ଲାଗୁଥିଲା । ସପ୍ତମ ଧ୍ୱଜା ହଜରତ ଅର୍‌ଫଜା ବିନ୍ ହର୍ଶମାଙ୍କ ପାଇଁ ତିଆରି କଲେ ଓ ତାଙ୍କୁ ମହ୍‌ରାଃ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ପ୍ରେରଣ କରିଥିଲେ । ମହ୍‌ରାଃ ହେଉଛି ୟମନ୍‌ର ଗୋଟିଏ ଅଂଚଳର ନାମ । ହଜରତ ଅବୁ ବକର୍ ର:ଅ ସେହି ଦୁଇଜଣଙ୍କୁ କହିଲେ, ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଯାଅ କିନ୍ତୁ ଯେଉଁ ଅଂଚଳ ସେମାନଙ୍କ ଦାୟିତ୍ୱରେ ରହିଛି ସେଠାରେ ସେମାନେ ଜଣେ ଅନ୍ୟ ଜଣଙ୍କଉପରେ ଅମୀର ମୃତୟନ ରହିବେ । ଅର୍ଥାତ ପ୍ରଥମେ ୟମନ୍ ର ଅଧିବାସୀ ଓ ଦ୍ୱିତୀୟରେ ସେମାନେ । ସେଥିଅନ୍ତେ ପୁଣି ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ହଜରତ ଶୁରହ୍‌ବିଲ୍ ବିନ୍ ହସ୍‌ନାଙ୍କୁ ହଜରତ୍ ଅକରମାଃ ବିନ୍ ଅବୁ ଜହଲ୍ ଙ୍କ ପଛରେ ପଠାଇଲେ ଓ ନିର୍ଦ୍ଦେଶ ଦେଲେ ଯେ ୟମାମାରୁ କାମ ଶେଷକରି କୁଜାଆ ବସ୍ତି ଆଡ଼କୁ ଚାଲିଯିବ ଓ ମୁରତଦ୍ଦୀନ୍ ମାନଙ୍କ ସହିତ ଯୁଦ୍ଧ କରିବା ସମୟରେ ତୁମେ ହିଁ ନିଜ ସୌନ୍ୟଦଳର ଅମୀର ରହିବ । ନବମ ଧ୍ୱଜା ହଜରତ ତୁରୈଫା ବିନ୍ ହାଜିଜ୍‌ଙ୍କ ନିମନ୍ତେ ପ୍ରସ୍ତୁତ କଲେ ଓ ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ବନୁ ସୁଲୈମ୍ ତଥା ହୱାଜିନ୍ କବିଲା ସହିତ ଯୁଦ୍ଧ କରନ୍ତୁ । ଦଶମ ଧ୍ୱଜା ହଜରତ ସୁୱେଦ୍ ବିନ୍ ମୁକ୍‌ରିନ୍ ଙ୍କ ପାଇଁ ବାନ୍ଧିଲେ ଓ ତାଙ୍କୁ ନିର୍ଦ୍ଦେଶ ଦେଲେ ଯେ ସେ ୟମନର ଇଲାକା ତିହାମା ଗୋଷ୍ଠୀ ଆଡ଼କୁ ଯାଆନ୍ତୁ ଏବଂ ଏଗାରତମ ଧ୍ୱଜା ହଜରତ ଅଲା ବିନ୍ ହଜ୍‌ରମିଙ୍କ ନିମନ୍ତେ ପ୍ରସ୍ତୁତ କରି ତାଙ୍କୁ ବାହ୍‌ରିନ୍ ଆଡକୁ ଅଗ୍ରସର ହେବାପାଇଁ ନିର୍ଦ୍ଦେଶ ଦେଲେ । ଅତେବ୍ ଏମାନେ ଉମରା ଜୁଲ୍‌କସାଠାରୁ ନିଜ ନିଜର ଦିଗକୁ ବାହାରି ପଡିଲେ ଏବଂ ବିଦ୍ରୋହୀମାନଙ୍କ ସହିତ ମୁକାବିଲା କରିବା ପାଇଁ ଗସ୍ତ କରିଥିଲେ ।

*(ତାରିଖୁଲ୍ ତିବ୍‌ରୀ...... ଖଣ୍ଡ-୨, ପୃ-୨୫୭....... ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨) (ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ୱ କାରନାମେ ,ପୃ-୨୮୮ ମୁଦ୍ରିତ ମକତବାଃ ଅଲଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ)(ମୁଅଜମୁଲ୍ ବୁଲଦାନ୍ ,ଖ-୦୧, ପୃ-୫୨୭ , ଖ-୦୨ , ପୃ-୨୭୦,୩୧,୪୯୬)*
(ମୁଅଜମୁଲ୍ ୱସିତ୍ ଜେରେ ମାଦାଃ "ବନି")

ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ପ୍ରତ୍ୟେକ ସୈନ୍ୟଦଳର ଅମୀରଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, ତମେମାନେ ଯାତ୍ରା କରୁଥିବା ମାର୍ଗରେ ଯେତେକ ଶକ୍ତିଶାଳୀ ମୁସଲମାନମାନଙ୍କୁ ଭେଟିବ ସେମାନଙ୍କୁ ନିଜ ସାଥିରେ ସାମିଲ କରିନେବ ଏବଂ ସେହି ଇଲାକାର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ସେମାନଙ୍କ ଅଂଚଳର ସୁରକ୍ଷା ଦାୟିତ୍ୱରେ ଛାଡ଼ି ଯିବ । (ଅର୍ଥାତ୍ ସେମାନେ ଯେପରି ସେ ନିଜ ଅଂଚଳକୁ ନିଜ ଅଧିନରେ ରଖିବେ ଓ ନିଜ ବ୍ୟବସ୍ଥା ସୁଚାରୁ ରୂପେ ତୁଲାଇପାରିବେ)

(ତାରିଖେ ତିବରୀ ଖ-୨ ପୃ-୨୫୭ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)

ହଜରତ ଅବୁ ବକର୍ ର:ଅଙ୍କର ଏହି ସୈନ୍ୟବିଭକ୍ତିକରଣର ଚର୍ଚ୍ଚା କରି ଜଣେ ଐତିହାସବିତ୍ ଲେଖିଛନ୍ତି ଯେ ସେହି ଜୁଲ୍‌କିସାଃ ସେନାମାନଙ୍କର କେନ୍ଦ୍ରସ୍ଥଳି ପାଲଟି ଗଲା । ସେହି ସ୍ଥଳକୁ ସୁସଂଘଟିତ ମୁସଲମାନ ସୈନ୍ୟଦଳ ବିଦ୍ରୋହୀମାନଙ୍କ ମୂଳୋତ୍ପାଟନ ନିମନ୍ତେ ବିଭିନ୍ନ ଅଂଚଳକୁ ଯାତ୍ରା ଆରମ୍ଭ କରିଥିଲେ । ଦଳର ବିଭକ୍ତିକରଣ ଓ ସେମାନଙ୍କ ସୀମା ନିର୍ଦ୍ଧାରଣ କରିବା ସ୍ପଷ୍ଟ କରୁଅଛି ଯେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଜଣେ ସୁଦକ୍ଷ ଯୋଜନାକାରୀ ତଥା ଭୌଗଳିକବିତ ଥିଲେ ଏବଂ ସେତେବେଳର ଜନବସତି ଓ ଆରବ ଉପଦ୍ୱୀପର ମାର୍ଗଗୁଡ଼ିକୁ ସେ ବେଶ୍ ଭଲ ଭାବରେ ଜାଣିଥିଲେ ଓ ସେଥି ସମ୍ବନ୍ଧରେ ଭଲଭାବରେ ଅବଗତ ଥିଲେ । ହଜରତ୍ ଅବୁ ବକର୍ ର ଅ ସବୁବେଳେ ଏ ବିଷୟରେ ଅବଗତ ଥିଲେ ଯେ ତାଙ୍କ ସୈନ୍ୟସାମନ୍ତ କେଉଁ ଅଂଚଳରେ ଅଛନ୍ତି ଓ ସେ ନିଜ ସେନାବାହିନୀ ସହିତ ମଧ୍ୟ ଅତି ସୂକ୍ଷ୍ମ ସମ୍ପର୍କ ସ୍ଥାପନ ରକ୍ଷା କରିଥିଲେ ଫଳତଃ ସମଗ୍ର ସେନା ବାହିନୀ ପରସ୍ପର ସହିତ ଦୃଢ଼ ସମ୍ପର୍କ ସ୍ଥାପନ କରିଥିଲା । ତେବେ ଏହା ବାସ୍ତବ ପକ୍ଷେ ଖିଲାଫତର ବିଶେଷ ସଫଳତା ମଧ୍ୟରୁ ଗୋଟିଏ ସଫଳତା ଥିଲା । କାରଣ ସେହି ସୈନ୍ୟଦଳ ପ୍ରବୀଣ ଓ ଅଭିଜ୍ଞ ପରିଚାଳକ ସେନାଧ୍ୟକ୍ଷଙ୍କ ହାତ ମୁଠାରେ ରହିଥିଲା । ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ଇସ୍‌ଲାମୀୟ ସେନାର ପ୍ରତି ମୁହୂର୍ତରେ ଖବର ମିଳୁଥିଲା । ସେ ଏକଥା ଯେ ସେନା କେଉଁଠାରେ ଅଛି ଏବଂ ସେମାନଙ୍କ ଗତିବିଦ୍ଧି ଓ ସମସ୍ତ ପ୍ରସଙ୍ଗ ସହିତ ସେ ସମ୍ପୂର୍ଣ୍ଣ ରୂପେ ଅବଗତ ଥିଲେ । ତାଙ୍କୁ ଏହା ମଧ୍ୟ ସୁଚନା ମିଳୁଥିଲା ଯେ କେଉଁ ସ୍ଥଳେ ମୁସଲମାନ ସେନାକୁ ବିଜୟ ପ୍ରାପ୍ତ ହୋଇଛି ଏବଂ ଆସନ୍ତାରେ ସେମାନଙ୍କର କଣ ଯୋଜନା ମାନ ରହିଛି । ଭବିଷ୍ୟତରେ ସେମାନେ କଣ ଖସଡ଼ା ପ୍ରସ୍ତୁତ କରିଛନ୍ତି । ସନ୍ଦେଶ ବାହକ ଅତ୍ୟନ୍ତ ତିବ୍ର ଓ ସୁଦକ୍ଷ ଥିଲେ । ରଣ ଭୂମିରୁ ସୁଚନା ବାରମ୍ବାର ମଦିନା ହଜରତ ଅବୁ ବକର୍ ର:ଅଙ୍କ ନିକଟକୁ ଆସି ପହଂଚୁଥିଲା । ସୈନ୍ୟ ଛାଉଣୀର କେନ୍ଦ୍ର ଓ ରଣ ଭୂମି ମଧ୍ୟରେ ସନ୍ଦେଶବାହକ ଭାବରେ ଅବୁ ଖୈଶମା ଅନ୍‌ସାରୀ ,ସଲ୍‌ମା ବିନ୍ ସଲ୍ଲାମା, ଅବୁ ବର୍‌ଜା ଅସ୍‌ଲମୀ ଏବଂ ସଲ୍‌ମା ବିନ୍ ୱକଶ୍ ଆଦି ସନ୍ଦେଶବାହକ ବିଶେଷ ସ୍ଥାନ ଅଧିକାର କରିଥିଲେ ।

ଯେଉଁ ସୈନ୍ୟଦଳଗୁଡିକୁ ହଜରତ୍ ଅବୁ ବକର୍ ର ଅ ପ୍ରେରଣ କରିଥିଲେ ସେମାନେ ପରସ୍ପର ମଧ୍ୟରେ ଘନିଷ୍ଠ ସୁସମ୍ପର୍କ ରଖିଥିଲେ ଏବଂ ଏହା ଖିଲାଫତ୍‌ର ଗୁରୁତ୍ୱପୂର୍ଣ୍ଣ ସଫଳତା ମଧ୍ୟରୁ ଗୋଟିଏ ଥିଲା । କାରଣ ସୈନ୍ୟଦଳ ମଧ୍ୟରେ ନେତୃତ୍ୱ କରିବାର ଦକ୍ଷତା ସହିତ ଅତି ସୁବ୍ୟବସ୍ଥିତ ଓ ସୁନ୍ଦର ସଂଗଠନ ବି ରହିଥିଲା ।

ଏତଦ୍‌ବ୍ୟତିତ ସେମାନଙ୍କ

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

ନିକଟରେ ଯୁଦ୍ଧ ପ୍ରବିଣତା ପୂର୍ବରୁ ଭରି ରହିଥିଲା । ହଜୁର ସ:ଆ:ସଙ୍କ ସମୟ କାଳରେ ଅନୁଷ୍ଠିତ ହୋଇଥିବା ଧର୍ମ ଯୁଦ୍ଧ ଓ ଛୋଟ ଛୋଟ ଅଭିଯାନଗୁଡିକରେ ସେମାନେ ଯୋଗ ଦେଇ ବେଶ୍ ଅଭିଜ୍ଞ ହୋଇଯାଇଥିଲେ । ଆଉ ହଜରତ ଅବୁ ବକର ର ଅଙ୍କ ଖିଲାଫତ କାଳରେ ଅସକ୍ରି (ଅର୍ଥାତ୍ ସାମରିକ) ବ୍ୟବସ୍ଥା ଆରବର ସମସ୍ତ ସାମରିକ ଶକ୍ତି ଉପରେ ପ୍ରାଧାନ୍ୟତା ରଖିଥିଲା । ସେହି ସୈନ୍ୟଦଳର ନେତୃତ୍ୱ ସୈଫୁଲ୍ଲାଃ ହଜରତ ଖାଲିଦ୍ ବିନ୍ ଓ୍ୱଲିଦଙ୍କ ହାତରେ ରହିଥିଲା । ସେ ଯୁଦ୍ଧ ରଣନୀତି ପ୍ରସ୍ତୁତ କରିବା ପ୍ରସଙ୍ଗରେ ସମସ୍ତଙ୍କଠାରୁ ଭିନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଇସ୍ଲାମିୟ ସେନା ଦଳର ଏପରି ବିଭକ୍ତିକରଣ ଏକ ଯୁଦ୍ଧ କୂଟନୀତି ଅନ୍ତର୍ଗତ କରାଯାଇଥିଲା । କାରଣ ମୁରତଦ୍ଦୀନ୍ ଅର୍ଥାତ୍ ବିପଥଗାମୀମାନେ ନିଜ ନିଜ ଅଂଚଳରେ ବିଭାଜିତ ରହିଥିଲେ ଅର୍ଥାତ ବିଛୁରିତ ହୋଇ ରହିଥିଲେ , ଏକାଠି ହୋଇନଥିଲେ । ମୁସଲମାନମାନଙ୍କ ବିରୁଦ୍ଧରେ ସେମାନଙ୍କ ସଂଗଠନ ସୁସଂଗଠିତ ହୋଇପାରିନଥିଲା । ବିପଥଗାମୀମମାନଙ୍କର ବଡ଼ ବଡ ଗୋଷ୍ଠୀମାନେ ଦୁରଦୂରାନ୍ତ ଅଂଚଳରେ ବିଭାଜିତ ହୋଇ ରହିଥିଲେ । ସେତେବେଳେ ସେମାନଙ୍କ ନିକଟରେ ଏତେ ସମୟ ନଥିଲା ଯେ ସେମାନେ ପରସ୍ପର ସହିତ ମିଳିତ ହୋଇ ଏକାଠି ହୋଇପାରିଥାନ୍ତେ । କାରଣ ଇରତିଦାଦ୍ ଆରମ୍ଭ ହେବାକୁ ଏବେ ତିନିମାସ ବି ଅତିବାହିତ ହୋଇନଥିଲା ଏବଂ ଦ୍ୱିତୀୟତଃ ସେମାନେ ନିଜ ବିରୁଦ୍ଧରେ ମୁସଲମାନମାନଙ୍କର ମାଡ଼ି ଆସୁଥିବା ଶକ୍ତିକୁ ବୁଝି ପାରିନଥିଲେ, ସେମାନେ ଚିନ୍ତା କରୁଥିଲେ ଯେ ବୋଧହୁଏ ମାତ୍ର କିଛି ମାସ ଭିତରେ ସେମାନେ ମୁସଲମାନମାନଙ୍କର ମୂଳୋତ୍ପାଟନ କରିଦେବେ । ତେଣୁ ହଜରତ ଅବୁ ବକର ର ଅ ଏହି ପ୍ରୟାସ କରିଥିଲେ ଯେ, ହଠାତ୍ ସେମାନଙ୍କ ଉପରେ ବଳପ୍ରୟୋଗ କରି ଓ ସେମାନଙ୍କ ଉପରେ ପ୍ରଭାବ ବିସ୍ତାର କରିବା ନିମନ୍ତେ ସେମାନଙ୍କୁ ପ୍ରତିରୋଧ କରି ସେମାନଙ୍କୁ ମୂଳପୋଛ କରିଦେବା ଉଚିତ ହେବ । ଆଉ ସେମାନଙ୍କୁ ଏକତ୍ରିତ ହେବାକୁ କିଛି ବି ସମୟ ଦେବା ଠିକ୍ ହେବନାହିଁ । ତେଣୁ ସେମାନେ ମୁଣ୍ଡ ଟେକିବା ପୂର୍ବରୁ,ସେମାନଙ୍କ ସ୍ୱର ଉତୋଳନ ହେବା ପୂର୍ବରୁ ହଜରତ ଅବୁ ବକର ର ଅ ସେମାନଙ୍କୁ ବିନାଶ କରିଦେବାର ଯୋଜନା କରିଥିଲେ ଯଦ୍ୱାରା ଆଉ ଯେପରି ମୁସଲମାନ୍ ମାନଙ୍କୁ କୌଣସି ଦୁଃଖ କଷ୍ଟ ନ ପହଂଚୁ । ***(ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ଡାଃ:ଅଲୀ ମୁହମ୍ମଦ୍ ସଲାବି ମୁତରଜିମ୍ , ପୃ-୨୮୮-୨୯୦ , ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍)***

ହଜରତ ଅବୁ ବକର୍ ସିଦ୍ଧିକ୍ ର ଅଙ୍କ ଦ୍ୱାରା ନିଯୁକ୍ତ କରାଯାଇଥିବା ସେନାଧ୍ୟକ୍ଷ ମାନଙ୍କ ପ୍ରସଙ୍ଗରେ ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା କରି ଜଣେ ଐତିହାସିକ ଲେଖିଛନ୍ତି ଯେ ପ୍ରଥମତଃ ଏହି ଯୋଜନାରେ ଏକଥାର ବ୍ୟବସ୍ଥା କରାଯାଇଥିଲା ଯେ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରାଯାଇପାରିବ । ଯଦିଓ ସେମାନଙ୍କର ସ୍ଥାନ ଓ ଦିଗ ଭିନ୍ନ ଭିନ୍ନ ଥିଲା କିନ୍ତୁ ସମସ୍ତେ ଗୋଟିଏ ଜଂଜିରର କଡି ଥିଲେ । ସେମାନଙ୍କର ପରସ୍ପର ସହିତ ସାକ୍ଷାତ କରିବା ଓ ବିଚ୍ଛେଦ ହେବାରେ ଗୋଟିଏ ହିଁ ଉଦ୍ଦେଶ୍ୟ ଥିଲା । ଖଲିଫା ମଦିନାରେ ରହି ଯୁଦ୍ଧର ସମସ୍ତ ତଦାରଖ ତଥା ସମସ୍ତ ପାଓ୍ୱାର ସେ ନିଜ ହାତରେ ଓ ନିଜ ନିକଟରେ ରଖିଥିଲେ ଏବଂ ଦ୍ୱିତୀୟତଃ ସିଦ୍ଧିକ ଅକବର୍ ଦାରୁଲ୍ ଖିଲାଫା ମଦିନାର ସୁରକ୍ଷା ନିମନ୍ତେ ଗୋଟିଏ ସୈନ୍ୟଦଳ ନିଜ ପାଖରେ ରଖିଥିଲେ ସେହିପରି ଏହି ପ୍ରଶାସନିକ ବ୍ୟବସ୍ଥା ପରିଚାଳନା କରିବା ସକାଶେ ଅଭିଜ୍ଞ ବ୍ୟୋୟଜ୍ୟୋଷ୍ଠ ସାହାବାମାନଙ୍କର ମଧ୍ୟ ଏକ ଦଳ ଆପଣ ର ଅଙ୍କ ସାଥିରେ ରହିଥିଲା । ତୃତୀୟତଃ ହଜରତ ଅବୁ ବକର ର ଅଙ୍କୁ ଜ୍ଞାତ ଥିଲା ଯେ ମୁରତଦ୍ଦୀନ ଅର୍ଥାତ ଧର୍ମତ୍ୟାଗକରି ବିପଥଗାମୀ ହୋଇଯାଇଥିବା ଲୋକମାନଙ୍କ ଦ୍ୱାରା ପ୍ରଭାବିତ ହୋଇଯାଇଥିବା ଇଲାକାଗୁଡିକରେ ଇସ୍ଲାମୀୟ ଶକ୍ତି ରହିଛି । ତେଣୁ ଆପଣ ର ଅ ଙ୍କୁ ଏହି ଚିନ୍ତା ଘାରିଲା ଯେ କାଳେ ଏହି ମୁସଲମାନମାନମାନେ ଏମାନଙ୍କ କୋପ ଓ କ୍ରୋଧର ଶିକାର ନ ହୋଇଯାଆନ୍ତୁ । ଏଥିସକାଶେ ଆପଣ ର ଅ ସେନାଧ୍ୟକ୍ଷମାନଙ୍କୁ ଆଦେଶ ଦେଲେ ଯେ ସେମାନଙ୍କ ମଧ୍ୟରେ ଯେଉଁମାନେ ବଳଶାଳୀ ଓ ଶକ୍ତିସମ୍ପନ୍ନ ଅଛନ୍ତି ସେମାନଙ୍କୁ ନିଜ ସହିତ ସାମିଲ କରିନିଅନ୍ତୁ ଏବଂ ସେହି ଅଂଚଳ ଗୁଡ଼ିକର ସୁରକ୍ଷା ପାଇଁ କେତେକ ଲୋକଙ୍କୁ ସେଠାରେ ମୃତୟନ କରିଦିଅନ୍ତୁ । ଚତୁର୍ଥରେ ହଜରତ ଅବୁ ବକର ର ଅ **ଅଲହରବୁ ଖୁଦଅତୁନ୍** ସିଦ୍ଧାନ୍ତ ଅନୁଯାୟୀ ବିପଥଗାମୀଙ୍କ ସହିତ ଯୁଦ୍ଧ କୂଟନୀତି ଅବଲମ୍ବନ କରିଥିଲେ । ସେ ସେନା ଅଭିଜାନର ଗସ୍ତ ତଥା ଅନ୍ୟାନ୍ୟ ବିଷୟ ଗୁଡିକକୁ ଅତ୍ୟନ୍ତ ସତର୍କତା ଓ ସାବଧାନତାର କିଛିଟା ଏପରି ପ୍ରକାଶ କରୁଥିଲେ ଯେବେକି ତାଙ୍କର ଉଦ୍ଦେଶ୍ୟ ଆଉକିଛି ରହୁଥିଲା । ସେ ଏପରି ସତର୍କତ ଏଇଥି ପାଇଁ ଅବଲମ୍ବନ କରୁଥିଲେ ଯେ ତାଙ୍କ ମନରେ ଏହି ଭାବ ଜାତ ହୋଇଥିଲା ଯେ କାଳେ ତାଙ୍କର ଯୋଜନା ପ୍ରଘଟ ହୋଇନ ଯାଉ । ଏହିପରି ଭାବରେ ହଜରତ ଅବୁ ବକର ର ଅଙ୍କ ନେତୃତ୍ୱରେ ରାଜନୈତିକ କୌଶଳ, ବୈଜ୍ଞାନିକ ଅଭିଜ୍ଞତା, ପ୍ରକୃତ ଜ୍ଞାନ ତଥା ଈଶ୍ୱରୀୟ ବିଜୟ ଓ ଈଶ୍ୱରୀୟ ସମର୍ଥନ ପ୍ରମୁଖ ଥିଲା । ***(ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ଡାଃ:ଅଲୀ ମୁହମ୍ମଦ୍ ସଲାବି ମୁତରଜିମ୍ , ପୃ-୨୯୭-୨୯୮ , ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍)***

ଇତ୍ୟାବସରେ ହଜରତ ଅବୁ ବକର ର ଅ ଦୁଇଟି ଆଦେଶନାମା ମଧ୍ୟ ଉଲ୍ଲେଖ କରିଥିଲେ । ଗୋଟିଏ ଆରବର କବିଲାଗୁଡିକ ନିକଟକୁ ଓ ଆଉଗୋଟିଏ ସେନାପତିମାନଙ୍କ ମାର୍ଗଦର୍ଶନ ନିମନ୍ତେ । **(ହଜରତ୍ ଅବୁ ବକର୍ ର ଅ କେ ସରକାରୀ ଖୁତୁତ୍ ଲେଖକ ଖୁରଶିଦ୍ ଅହେମଦ୍ ଫାରୁକ୍ , ପୃ-୨୨)**

ସେହି ଡ଼ାକ୍ଟର ଅଲୀ ମୁହମ୍ମଦ ସଲାବୀ ସାହେବ ଗୋଟିଏ ଚିଠି ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ଇସ୍ଲାମୀୟ ସେନାର ପ୍ରସ୍ତୁତି ଏବଂ ଦୃଢ଼ ନେତୃତ୍ୱ ପରେ ଆମେ ଏହା ଅବଲୋକନ କରିଥାଉଁ ଯେ, ଲିଖିତ ଦାଓ୍ୱତ ଅର୍ଥାତ୍ ଏକ ଈଶ୍ୱର ଙ୍କ ଆଡକୁ ଆମନ୍ତ୍ରଣ କରିବାର ପରମ୍ପରା ଜାରି ରହିଲା ଏବଂ ତାହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ।

ସେ ଗୋଟିଏ ସାଧାରଣ ପତ୍ର ଲେଖିଥିଲେ ଯାହାକି ସିମୀତ ବିଷୟବସ୍ତୁ ଉପରେ ଆଧାରିତ ଥିଲା । ଆପଣ ର ଅ ମୁରତଦ୍ଦୀନ ଅର୍ଥାତ୍ ବିଧର୍ମୀମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ସୈନ୍ୟମାନଙ୍କୁ ପଠଇବା ପୂର୍ବରୁ ଉକ୍ତ ପତ୍ରକୁ ବିଧର୍ମୀ ବିଦ୍ରୋହୀମାନଙ୍କ ମଧ୍ୟରେ ଓ ମୁସଲମାନମାନଙ୍କ ମଧ୍ୟରେ ତଥା ସମସ୍ତଙ୍କ ମଧ୍ୟରେ ବ୍ୟାପକ ସ୍ତରରେ ପ୍ରଚାରିତ କରିବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରିଥିଲେ । ସେହି ସମସ୍ତ କବିଲା ଆଡକୁ ଅର୍ଥାତ୍ ଜନଜାତିମାନଙ୍କ ଆଡ଼କୁ ମୁସଲମାନମାନଙ୍କୁ ପ୍ରେରଣ କଲେ ଏବଂ ଆଦେଶ ଦେଲେ ଯେ, ସେଠାରେ ପହଂଚି ପ୍ରତ୍ୟେକ ଭିଡ଼ ଓ ଜନଗହଳି ସ୍ଥାନରେ ଏହି ପତ୍ରକୁ ଶୁଣାଇଦିଅନ୍ତୁ ଏବଂ ଯେଉଁ ଲୋକମାନଙ୍କ ନିକଟରେ ଏହି ଖବର ପହଂଚି ସେମାନଙ୍କ ନିକଟରେ ଏହି ଆଦେଶନାମା ପହଂଚାଇ ଦିଅନ୍ତୁ । ହଜରତ ଅବୁ ବକର ର ଅ ଉକ୍ତ ପତ୍ରରେ ସର୍ବସାଧାରଣଙ୍କୁ ତଥା ବିଶେଷ ଭାବରେ ସମସ୍ତଙ୍କୁ ସମ୍ବୋଧିତ କରି କହିଥିଲେ । ସେ ଇସଲାମ୍ ଉପରେ ପ୍ରତିଷ୍ଠିତ ଥାଆନ୍ତୁ ବା ଇସଲାମକୁ ପରିତ୍ୟାଗ କରି ମୁରତଦ୍ଦ ହୋଇଯାଇଥିବା ଲୋକ ହୋଇଥାନ୍ତୁ ।***(ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ଡାଃ:ଅଲୀ ମୁହମ୍ମଦ୍ ସଲାବି ମୁତରଜିମ୍ , ପୃ-୨୯୦-୨୯୧ , ମକତବତୁଲ୍ ଫୁରକାନ୍ ମୁଜଫର୍ ଗଢ୍ ପାକିସ୍ତାନ୍)***

ହଜରତ୍ ଅବୁବକର୍ ର ଅ ଙ୍କର ସେହି ଚିଠି ଯାହାକି ଆରବୀୟ କବିଲାମାନଙ୍କ ଆଡ଼କୁ ଲେଖାଯାଇଥିଲା । ତାହା ସବୁଠାରୁ ଅଧିକା ବିବରଣୀ ସହିତ ତିବରୀରେ ଉଲ୍ଲେଖ ରହଛି । ହଜରତ ମସିହ ମଉଦ ଆ:ସ ନିଜର ପୁସ୍ତକ ସିର୍ରୁଲ୍ ଖିଲାଫାରେ ଉକ୍ତ ପତ୍ର ସମ୍ପର୍କରେ ଚର୍ଚ୍ଚା କରିଛନ୍ତି । ଆପଣ ଆ ସ କୁହନ୍ତି ଏହା ଉଚିତ ହେବ ଯେ ଆମେ ଏଠାରେ ସେହି ପତ୍ରକୁ ଉପସ୍ଥାପନ କରିଦେବୁ ଯାହାକୁ ମୁରତଦ୍ ହୋଇଯାଇଥିବା କବିଲାଗୁଡିକ ଆଡକୁ ଲେଖିଥିଲେ । ଯଦ୍ୱାରା ହଜରତ ଅବୁ ବକର ର ଅଙ୍କ ଜରିଆରେ ପବିତ୍ର ଧର୍ମ ସ୍ଥଳୀ ଗୁଡିକର ଉନ୍ନତି ତଥା ବିକାଶ ଏବଂ ହଜୁର ସ:ଆ:ସଙ୍କ ସମସ୍ତ ସୁନ୍ନତର ପ୍ରତିରକ୍ଷା ପ୍ରତିଥିବା ଦୃଢ଼ତାକୁ ଅବଲୋକନ କରି ବିଶ୍ୱାସ ଓ ଆସ୍ଥାରେ ଉନ୍ନତି କରିପାରିବେ । ପୁଣି ହଜରତ ମସିହ ମଉଦ ଆ:ସ ସେହି ପତ୍ର ଲେଖିଲେ ଯାହା

**ହଜରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ଏପରି ଆରମ୍ଭ ହୋଇଥିଲା ।

**ବିସମିଲ୍ଲାଃ ହିର ରହମାନ୍ ନିର୍‌ରହିମ୍** । ଏହି ଚିଠି ଅବୁ ବକର ର ଅ ଖଲିଫତୁଲ୍ ରସୁଲ୍ ସ ଆ ସ (ଅର୍ଥାତ୍ ହଜରତ୍ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ଖଲିଫା ଓ ଉତରାଧିକାରୀଙ୍କ) ତରଫରୁ ପ୍ରତ୍ୟେକ ସାଧାରଣ ଜନତା ଓ ବିଶେଷମାନଙ୍କ ପାଇଁ ଉଦ୍ଦିଷ୍ଟ । ଯେଉଁ ଲୋକମାନଙ୍କ ନିକଟରେ ଏହି ସନ୍ଦେଶ ପହଂଚିବ ସେମାନେ ଇସ୍‌ଲାମ୍ ଧର୍ମ ଉପରେ ପ୍ରତିଷ୍ଠିତ ଥାଉ ବା ସେଥିରୁ ବାହାରି ଚାଲିଯାଉଥାଉ । ସେହିପରି ଏହି ମାର୍ଗଦର୍ଶନ ପାଇଥିବା ପ୍ରତ୍ୟେକ ଏପରି ବ୍ୟକ୍ତି ଯିଏ ମାର୍ଗଦର୍ଶନକୁ ଅନୁକରଣ କରୁଅଛି ,ତା ଉପରେ ଶାନ୍ତ ଅବତୀର୍ଣ୍ଣ ହେଉ ଯେଉଁମାନେ ମାର୍ଗଦର୍ଶନ ପ୍ରାପ୍ତ କରି ସାରିବା ପରେ ମଧ୍ୟ ପଥଭ୍ରଷ୍ଟ ହୋଇନାହାନ୍ତି ତଥା ଅନ୍ଧକାର ଆଡକୁ ପ୍ରତ୍ୟାବର୍ତନ କରିନାହାଁନ୍ତି । ଅତଏବ ମୁଁ ତମ ସମ୍ମୁଖରେ ସେହି ଅଲ୍ଲାଃ ତାଲାଙ୍କ ପ୍ରଶଂସା ଗାନ କରୁଛି । ଯାହାଙ୍କ ବ୍ୟତୀତ ଅନ୍ୟ କେହି ଉପାସ୍ୟ ନାହାନ୍ତି । ସେ ହେଉଛନ୍ତି ଏକ ଓ ଅଦ୍ୱିତୀୟ । ତାହାଙ୍କର କେହି ସମକକ୍ଷ ନୁହନ୍ତି ଏବଂ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ତାହାଙ୍କ ବାର୍ତାବହ ଅଟନ୍ତି । ଏବଂ ଯେଉଁ ଶିକ୍ଷା ମହାଭାଗ ସ ଆ ସ ଘେନି ଆଣିଛନ୍ତି ତାହାକୁ ଆମେ ସ୍ୱୀକାର କରୁଅଛୁ । ଓ ଯିଏ ତାହକୁ ଅସ୍ୱୀକାର କଲା ବା ଅବିଶ୍ୱାସ କରିବ ତାକୁ ଆମେ କାଫିର୍ ଅର୍ଥାତ ଅବିଶ୍ୱାସକାରୀ ଅଭିହିତ କରୁଅଛୁ ଏବଂ ତାହା ସହିତ ଆମେ ଜିହାଦ କରିଥାଉଁ । ଅମ୍ମା ବାଦ୍ ଏକଥା ସ୍ପଷ୍ଟ ହେଉ ଯେ ଅଲ୍ଲାଃ ତାଲା ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କୁ ନିଜ ତରଫରୁ ସତ୍ୟ ପ୍ରଦାନ କରି ନିଜର ପ୍ରାଣୀମାନଙ୍କ ମଙ୍ଗଳ ସକାଶେ ସୁସମାଚାରପ୍ରଦାନକାରୀ ତଥା ସଚେତନକାରୀ ଏବଂ ଅଲ୍ଲାଃଙ୍କ ତରଫରୁ ତାହାଙ୍କ ନିର୍ଦ୍ଦେଶ ମୁତାବକ ଡାକିବାବାଲା ଏବଂ ଜ୍ୟୋତିପ୍ରଦାନକାରୀ ସୂର୍ଯ୍ୟଙ୍କ ସଦୃଶ ଉଜ୍ଜ୍ୱଳମୟ ପୁରୁଷ ଭାବରେ ପ୍ରେରଣ କଲେ । ଯଦ୍ୱାରା ହଜୁର ସ ଆ ସ ତାହାକୁ ଡ୍ରାନ୍ତୁ ଯିଏ ଜୀବନ୍ତ ହୋଇଥିବା ସତ୍ତ୍ୱେ ବି କାଫିର (ଅର୍ଥାତ ଅବିଶ୍ୱାସକାରୀ)ଙ୍କ ଉପରେ ଏହି ଆଦେଶ ସତ୍ୟ ସାବ୍ୟସ୍ତ ହୋଇଯାଉ ଅର୍ଥାତ୍ ଅବିଶ୍ୱାସକାରୀଙ୍କ ମଧ୍ୟରେ ଏହି ଆଦେଶାବଳୀ ଚରିତାର୍ଥ ହୋଇଯାଉ । ଅଲ୍ଲାଃ ତାଲା ସେହି ବ୍ୟକ୍ତିକୁ ସତ୍ୟ ସହିତ ସତ୍‌ପଥ ପ୍ରଦର୍ଶନ କଲେ ଯିଏ ହଜୁର ସ ଆ ସଙ୍କୁ ସ୍ୱୀକାର କଲା ଓ ଯିଏ ଆପଣ ସ ଆ ସ ଙ୍କ ଠାରୁ ମୁହଁ ମୋଡ଼ିଲା ସେ ଯେପର୍ଯ୍ୟନ୍ତ ଇଚ୍ଛାକୃତ ବା ଅନିଚ୍ଛାକୃତ ଭାବରେ ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇନଯାଇଛି ତା ସହିତ ହଜୁର ସ ଆ ସ ଯୁଦ୍ଧ କରଥିଲେ । ତାପରେ ହଜୁର ସ ଆ ସ ଇହ ଲୀଳା ସମ୍ବରଣ କଲେ । କିନ୍ତୁ ତାପୂର୍ବରୁ ହଜୁର ସ ଆ ସ ନିଜର ଆଦେଶକୁ ପ୍ରଣୟନ କଲେ ଏବଂ ସମ୍ପ୍ରଦାୟର ସୁଭାକାଂକ୍ଷୀ ହୋଇ ମଙ୍ଗଳକାର୍ଯ୍ୟ କରିଲେ । ଓ ଆପଣଙ୍କ ଉପରେ ଯେଉଁ ସବୁ ଦାୟିତ୍ୱ ନ୍ୟସ୍ତ ରହିଥିଲା ତାହାକୁ ପୂରଣ କରିଦେଲେ । ଅଲ୍ଲାଃ ତାଲା ନିଜର ପୁସ୍ତକରେ ଯାହା ସବୁ ଆଦେଶ ଅବତୀର୍ଣ୍ଣ କରିଛନ୍ତି ତାହା ଆପଣଙ୍କ ଉପରେ ଓ ଇସ୍‌ଲାମ୍ ଧର୍ମାଲମ୍ବୀମାନଙ୍କ ଉପରେ ଖୁବ ଖୋଲି କରି , ସ୍ପଷ୍ଟ କରି ଲୋକମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିଦେଲେ । ଅତଏବ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କୁହନ୍ତି: ***ଇନ୍ନକା ମୈୟିତୁନ୍ ୱ ଇନ୍ନହୁମ୍ ମୈୟିତୁନା (ସୁରଃ ଜୁମର୍: ୩୧)*** ଅର୍ଥାତ ଅବଶ୍ୟ ତୁମେ ବି ମୃତ୍ୟୁ ବରଣ କରିବ ଏବଂ ଅବଶ୍ୟ ସେମାନେ ମଧ୍ୟ (ଅର୍ଥାତ ଲୋକମାନେ ମଧ୍ୟ) ମୃତ୍ୟୁବରଣ କରିବେ । ପୁଣି ପରମେଶ୍ୱର କୁହନ୍ତି:***ୱମା ଜାଅଲନା ଲିବଶରିମ୍ ମିନ୍ କବଲିକଲ୍ ଖୁଲଦା (ଅମ୍ବିୟା : ୩୫)*** ଅର୍ଥାତ ଆମ୍ଭେ କୌଣସି ମନୁଷ୍ୟକୁ ତୁମ ପୂର୍ବରୁ ସ୍ଥାୟିତ୍ୱତା (ଅର୍ଥାତ ଅମରତ୍ୱ) ପ୍ରଦାନ କରିନାହୁଁ । ଅଫ ଇମ୍ ମିତ୍‌ତା ଫହୁମୁଲ୍ ଖାଲିଦୁନ୍ ***(ଅମ୍ବିୟା : ୩୫)*** ଅର୍ଥାତ ଯଦି ତୁମ୍ଭର ମୃତ୍ୟୁ ଘଟେ ତେବେ କ'ଣ ସେମାନେ ଚୀରକାଳ ଏହି ଇହଧାମରେ ଜୀବିତ ରହିବେ ? ପୁଣି ମୋମିନ୍ ମାନଙ୍କ ନିମନ୍ତେ କହିଲେ : **ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବଲିହିର୍ ରୁସୁଲ୍ .......ସୟଜଜିଲ୍ଲାହୁଶ୍ ଶାକିରିନ୍ (ଆଲେ ଇମରାନ୍ : ୧୪୫)** ଅର୍ଥାତ ମୁହମ୍ମଦ ମୁସ୍ତଫା ସ ଆ ସ କେବଳ ଜଣେ ରସୁଲ୍ (ଅର୍ଥାତ୍ ବାର୍ତାବହ) ଅଟନ୍ତି । ତାହାଙ୍କ ପୂର୍ବରୁ ସମସ୍ତ ରସୁଲମାନେ ଅର୍ଥାତ ବାର୍ତାବହମାନେ ମୃତ୍ୟୁ ବରଣ କରିସାରିଛନ୍ତି । ଅତଏବ ଯଦି ସେ ମୃତ୍ୟୁ ବରଣ କରନ୍ତି ବା ତାହଙ୍କୁ ହତ୍ୟା କରାଯାଏ ତେବେ କଣ ତୁମେମାନେ ପଶ୍ଚାତପଦ ହୋଇ (ସ୍ୱଧର୍ମରୁ) ଓହରିଯିବ ? ଏବଂ ଯେଉଁ ବ୍ୟକ୍ତି ପଶ୍ଚାତପଦ ହୋଇ ସ୍ୱଧର୍ମରୁ ଓହରି ଯାଏ ସେ ଅଲ୍ଲାଃ ତାଲାଙ୍କର କୌଣସି କ୍ଷତି କରିପାରିବ ନାହିଁ । ଏବଂ ନିଃସନ୍ଦେହ ରୂପେ ଅଲ୍ଲାଃ ତାଲା କୃତଜ୍ଞମାନଙ୍କୁ ଉତମ ପ୍ରତିଫଳ ପ୍ରଦାନ କରିବେ । ପୁଣି ଆପଣ ଲେଖିଛନ୍ତି ଯେ ଅତଃ ଯେଉଁ ବ୍ୟକ୍ତି ହଜରତ ମୁହମ୍ମଦ ମୁସ୍ତଫା ସ ଆ ସଙ୍କର ଉପାସନା କରୁଥିଲା ଯେ ଜାଣିନେଉ ଯେ, ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ମୃତ୍ୟୁ ଘଟିସାରିଛି ଏବଂ ଯେଉଁ ବ୍ୟକ୍ତି ଏକ ଓ ଅଦ୍ୱିତୀୟ ଅଲ୍ଲାଃ ତାଲାଙ୍କର ଉପାସନା କରୁଥିଲା ସେ ଜାଣିରଖୁ ଯେ ଅଲ୍ଲାଃ ତାଲା ତା ଅପେକ୍ଷାରେ ଛପି ବସିରହିଛି । ସେହି (ଅଲ୍ଲାଃ ତାଲା)ହିଁ ହେଉଛନ୍ତି ଚୀରଞ୍ଜିବ, ଚିରସ୍ଥାୟୀ ଓ ସର୍ବକାଳିକ । ସେ ମରିବେ ନାହିଁ । ନା ତ ତାଙ୍କୁ ନିଦ୍ରା ଆସିଥାଏ ଓ ନା ସେ କେବେ ଉଙ୍ଘାଇଥାନ୍ତି । ସେ ନିଜ କାର୍ଯ୍ୟର ସ୍ୱୟମ ସଂରକ୍ଷକ ଅଟନ୍ତି । ସେ ନିଜ ଶତ୍ରୁଠାରୁ ପ୍ରତିଶୋଧ ନେଇଥାନ୍ତି ଓ ସେମାନଙ୍କୁ ଶାସ୍ତି ଦିଅନ୍ତି । ମୁଁ ତୁମକୁ ଅଲ୍ଲାଃ ତାଲାଙ୍କ ଧର୍ମନିଷ୍ଠତା, ତାଙ୍କ ପାଇଁ ଯେଉଁ ସୌଭାଗ୍ୟ ପ୍ରାପ୍ତି ନିୟତିକୃତ ରହିଛି ଏବଂ ସେହି ଶିକ୍ଷ, ଯାହାକୁ ଧରି ତୁମର ନବୀ ହଜୁର ସ ଆ ସ ତୁମ ନିକଟକୁ ଆସିଛନ୍ତ, ମୁଁ ତାହା ଉପରେ କାର୍ଯ୍ୟାନୁସରଣ କରିବାପାଇଁ ତୁମମାନଙ୍କୁ ତାଗିଦ୍ କରୁଛି । ତୁମେ ହଜୁର ସ ଆ ସଙ୍କ ଦ୍ୱାରା ପ୍ରଦତ ମାର୍ଗଦର୍ଶତାରୁ ମାର୍ଗଦର୍ଶନ ପ୍ରାପ୍ତ କର । ଅଲ୍ଲାଃ ତାଲାଙ୍କ ଧର୍ମକୁ ଦୃଢତାର ସହିତ ଜାବୁଡ଼ି ଧର, କାରଣ ଏପରି ପ୍ରତ୍ୟେକ ବ୍ୟକ୍ତି, ଯାହାକୁ ଅଲ୍ଲାଃ ହିଦାୟତ୍ (ମାର୍ଗଦର୍ଶନ) କରାନ୍ତି ନାହିଁ ସେ ହେଉଛି ପଥଭ୍ରଷ୍ଟ । ସେ ଯାହାକୁ ହିଦାୟତ୍ (ମାର୍ଗଦର୍ଶନ) କରାନ୍ତି ସେ ହେଉଛି ସତପଥଗାମୀ ଓ ଏପରି ଲୋକ ଯାହାଙ୍କୁ ସେ ପଥଭ୍ରଷ୍ଟ ଭାବରେ ଅଭିହିତ କରିଥାନ୍ତି ସେ ପଥଭ୍ରଷ୍ଟ ହୋଇଥାଏ । ଅତଏବ ଅଲ୍ଲାଃ ତାଲା ଯେଉଁ ବ୍ୟକ୍ତିଙ୍କୁ ମାଗଦର୍ଶନ କରନ୍ତି କେବଳ ସେହ ହି ସତ୍‌ମାର୍ଗ ପ୍ରାପ୍ତ କରିଥାଏ ଏବଂ ଯାହାର ସେ ମାର୍ଗଚ୍ୟୁତ କରନ୍ତି, ପଥଭ୍ରଷ୍ଟ କରନ୍ତି ସେ କୌଣସି ସତ୍‌ମାର୍ଗ ପ୍ରାପ୍ତ କରିପାରିନଥାଏ । ତତ୍ ସମ୍ପର୍କରେ ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ କୁହନ୍ତି **ମଇଁ ୟହଦିଲ୍ଲାହୁ ଫହୁୱଲ୍ ମୁହତଦି ୱ ମଇଁ ୟୁଜଲିଲ୍ ଫଲନ୍ ତଜିଦା ଲହୁ ୱଲିୟମ୍ ମୁରଶିଦା ( ସୁରଃ ଅଲକହଫ୍ : ୧୮)** ଅର୍ଥାତ୍ ଯାହାକୁ ଅଲ୍ଲାଃ ତାଲା ସତ୍ପଥ (ମାର୍ଗଦର୍ଶନ) ପ୍ରଦର୍ଶିତ କରାନ୍ତି ସେ ହିଁ ସତ୍‌ମାର୍ଗ ପ୍ରାପ୍ତ କରିଥାଏ ଏବଂ ସେ ଯାହାକୁ ପ୍ରଥଭ୍ରଷ୍ଟ କରାନ୍ତି ,ତୁମେ ତା ସପକ୍ଷରେ ପଥ ପଦର୍ଶକ ରୂପେ କଦାପି କୌଣସି ବନ୍ଧୁ ପାଇବ ନାହିଁ । ପୁଣି ଆପଣ ଆଗକୁ ଲେଖିଛନ୍ତି ଯେ ଏହି ସଂସାରରେ ତା'ର ଅବସ୍ଥା କଣ ହେବ ଏବଂ ତା'ର କୌଣସି କର୍ମ ଓ ଶେଷ ପରିଣତି ସେପର୍ଯ୍ୟନ୍ତ ଗ୍ରହଣୀୟ ହେବନାହିଁ ଯେପର୍ଯ୍ୟନ୍ତ ସେ ଇସ୍‌ଲାମ୍ ଧର୍ମ କୁ ସ୍ୱୀକାର ନକରିଛି ଓ ତା ସପକ୍ଷରେ ପରକାଳରେ ବି କୌଣସି କ୍ଷତି ପୂରଣ ଗ୍ରହଣୀୟ ହେବନାହିଁ । ମୋ ନିକଟରେ ତୁମମାନଙ୍କ ବିଷୟରେ ଏହି ଖବର ପହଂଚିଛି ଯେ, ତୁମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଇସ୍‌ଲାମ୍ ଧର୍ମର ସ୍ୱୀକାରୋକ୍ତି କରିବାପରେ ତଥା ତାଉପରେ ପରିଚାଳିତ ହେବା ପରେ ଅଲ୍ଲାଃତାଲାଙ୍କୁ ଧୋକା ଦେଇ ସ୍ୱଧର୍ମର ଆଦେଶ ପାଳନ କରିବାରୁ ପଛଘୁଂଚା ଦେଇଛନ୍ତି । ତୁମେମାନେ ଅଲ୍ଲାଃ ତାଲାଙ୍କ ବିଷୟରେ ମୂର୍ଖତା ଅବଲମ୍ବନ କରି ତଥା ସଇତାନର ପଦାଙ୍କ ଅନୁସରଣ କରି ନିଜ ଧର୍ମକୁ ଛାଡିଦେଇଛନ୍ତି । ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ଏଥି ସଂକ୍ରାନ୍ତରେ କୁହନ୍ତି : **ୱଇଜ୍ କୁଲନା ଲିଲମଲାଇକତେ ଇସୟୁଦୁ ଲିଆଦମା ଫସଜଦୁ ଇଲ୍ଲା ଇବ୍‌ଲିସା । କାନା ମିନଲ୍ ଜିନ୍ନି ଫଫସକା ଅନ୍ ଅମରି ରବ୍‌ବିହି ଅଫତତ୍‌ତଖିଜୁନହୁ ୱ ଜୁର୍ରିୟତହୁ ଔଲିୟାଆ ମିନ୍ ଦୁନି ୱ ହୁମ୍ ଲକୁମ୍ ଅଦୁଉନ୍ । ବିସା ଲିଜ୍ଜାଲିମୀନା ବଦଲା (ସୁରଃ ଅଲକହଫ୍ : ୫୧)** ଅର୍ଥାତ୍ ଆମେ ଯେତେବେଳେ ଫରିସ୍ତା (ଅର୍ଥାତ୍ ଦେବଦୂତମାନଙ୍କୁ) କହିଲୁ ଯେ ଆଦମ୍‌ଙ୍କ ପାଇଁ ସିଜ୍‌ଦା କର ସେତେବେଳେ ଇବ୍‌ଲିସ୍ ବ୍ୟତିତ ଅନ୍ୟ ସମସ୍ତେ ସିଜ୍‌ଦାଃ କଲେ କାରଣ ସେ ଜିନ୍ନ ମାନଙ୍କ ମଧ୍ୟରୁ ଥିଲା । ଅତଏବ ସେ ନିଜ ପ୍ରଭୁଙ୍କ ଆଦେଶର ଅବମାନନା କରି ତାଙ୍କ ପ୍ରତି ଅବଜ୍ଞା ପ୍ରଦର୍ଶନ କଲା । ତେବେ କଣ ତୁମେମାନେ ଆମ୍ଭକୁ ପରତ୍ୟାଗ କରି ତାହାକୁ ଓ ତା'ର ଚେଲାମାନଙ୍କୁ (ଅର୍ଥାତ ତାହାର ବଂଶଧର ମାନଙ୍କୁ )ନିଜର ବନ୍ଧୁ ରୂପର ଗ୍ରହଣ କରିବ ,ଯଦିଚ ସେମାନେ ତୁମମାନଙ୍କର ଶତ୍ରୁ ଅଟନ୍ତି ? ସେହି ଇବଲିସ ଅତ୍ୟାଚାରୀମାନଙ୍କ ପାଇଁ ଅତ୍ୟନ୍ତ ମନ୍ଦ ପ୍ରତିଫଳ ରୂପେ ପ୍ରମାଣିତ ହୋଇଅଛି ।

ସେହିପରି ଅଲ୍ଲାଃ ତାଲା କୁହନ୍ତି: ଇନ୍ନସ୍ ଶୈତାନା ଲକୁମ୍ ଅଦୁଉଁ **ଫତତ୍‌ତଖିଜୁହୁ ଅଦୁୱନ୍ ଇନ୍ନମା ୟଦ୍‌ଉ ହିଜବହୁ ଲିୟକୁନୁ ମିନ୍ ଅସହାବିସ୍ ସଈର୍ (ଫାତିର୍ :୦୭)** ଅର୍ଥାତ ନିଃସନ୍ଦେହ ରୂପେ ସଇତାନ ତୁମମାନଙ୍କର ପରମଶତ୍ରୁ ଅତଏବ ତୁମେମାନେ ତାକୁ ଶତ୍ରୁ ହିଁ ମନେକର । ସେ ନିଜର ବନ୍ଧୁମାନଙ୍କୁ କେବଳ ଏଥିପାଇଁ ଡ଼ାକୁଅଛି ଯେ ସେମାନେ ଅଗ୍ନୀର ଦହନରେ ପଡ଼ିଯାଆନ୍ତୁ । (ଅର୍ଥାତ ସେମାନେ ନର୍କବାସୀ ହୋଇଯାଆନ୍ତୁ ଓ ସେଠାରେ ନୀପାତ ହୁଅନ୍ତୁ) । ଉକ୍ତ ପତ୍ରର ଚର୍ଚ୍ଚା କରି ହଜରତ ମସିହ ମଉଦ ଆ ସ କୁହନ୍ତି :

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2020-2022 Vol.7 Thursday 16-23 June 2022 Issue No. 24-25**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ସେ ଉଲ୍ଲେଖ କରିଛନ୍ତି ମୁଁ ହିଜରତକାରୀ , ଅନ୍ସାର ତଥା ସଦ୍‌ବ୍ୟବହାର ପ୍ରଦର୍ଶନକାରୀ ଅନୁଗାମୀମାନଙ୍କର ସୈନ୍ୟଦଳ ଉପରେ ଅମୁକ ବ୍ୟକ୍ତିକୁ ମୃତୟନ କରି ତୁମମାନଙ୍କ ଆଡ଼କୁ ପ୍ରେରଣ କରିଅଛି । ମୁଁ ତାହାଙ୍କୁ ଏହି ଆଦେଶ ଦେଇଛି ଯେ ସେମାନେ ସେପର୍ଯ୍ୟନ୍ତ କାହା ସହିତ ଯୁଦ୍ଧ କରିବେ ନାହିଁ କି କାହକୁ ହତ୍ୟାକରିବେନାହିଁ ଯେପର୍ଯ୍ୟନ୍ତ ସେ ଲୋକମାନଙ୍କୁ ଅଲ୍ଲାଃ ତାଲାଙ୍କ ବାର୍ତା ଆଡ଼କୁ ଡାକିନାହାନ୍ତି ।

ପୁନଶ୍ଚ ଏହାପରେ ଯେଉଁ ବ୍ୟକ୍ତି ଏହି ସନ୍ଦେଶକୁ (ଏହି ବାର୍ତାକୁ ) ସ୍ୱୀକାର କରିବ, ସୁଧୁରିଯିବ ଏବଂ ପୂଣ୍ୟକର୍ମ କରିବ ତାହେଲେ ସେ ତାହାକୁ ଗ୍ରହଣ କରୁ । ଆଉ ଯିଏ ଏହି ସନ୍ଦେଶକୁ ଶୁଣି ଏହାର ଅବମାନନା କରିବ ଏପରି କ୍ଷେତ୍ରରେ ଏ ଆଦେଶ ଦିଆଯାଇଅଛି ଯେ ସେ ଏପରି ବ୍ୟକ୍ତି ସହିତ ଯୁଦ୍ଧ କରିବେ । ଅର୍ଥାତ ତାହାକୁ ଜୀବିତ ଛାଡ଼ିବେ ନାହିଁ । ତାହାକୁ ନିହତ କରିବେ ଅଥବା ଅଗ୍ନୀରେ ଜାଳିଦେବେ କିନ୍ତୁ ମହିଳା ଓ ଛୋଟ ଛୋଟ ଶିଶୁମାନଙ୍କୁ ବନ୍ଦି କରିନେବେ ଏବଂ କାହାରିଠାରୁ ଇସ୍‌ଲାମ୍ ଧର୍ମ ବ୍ୟତିତ ଅନ୍ୟ କୌଣସି ଜିନିଷ ଗ୍ରହଣ କରିବରେ ରାଜି ହେବେନାହିଁ । ପୁନଶ୍ଚ ଏତଦ୍‌ପରେ ଯିଏ ଏହି କଥାର ଅନୁସରଣ କରିବ, ତେବେ ଏହା ତା ପକ୍ଷେ ମଙ୍ଗଳପ୍ରଦ ହେବ ଓ ଯେଉଁ ବ୍ୟକ୍ତି ଏହାକୁ ଛାଡ଼ିଦେଲା ସେ ଅଲ୍ଲାଃ ତାଲାଙ୍କୁ ବାଧ କରିପାରିବ ନାହିଁ ଓ ମୁଁ ନିଜ ପୈଗମ୍ବରଙ୍କୁ ଅର୍ଥାତ ସନ୍ଦେଶବାହକକୁ ଏହି ଆଦେଶ ଦେଇଛି ଯେ ସେ ମୋର ଏହି ପତ୍ରକୁ ତୁମର ପ୍ରତ୍ୟେକ ଜନଗହଳି ପୂର୍ଣ୍ଣ ସ୍ଥାନରେ ପଢ଼ି ଶୁଣାଇଦେବେ । ଅଜାନ୍ ହିଁ ଇସ୍‌ଲାମ୍ ଧର୍ମର ଘୋଷଣା ହେବ । ଅତଏବ ଯେତେବେଳେ ମୁସଲମାନମାନେ ଅଜାନ୍ ଦେବେ ସେତେବେଳେ ଯଦି ସେମାନେ ମଧ୍ୟ ଅଜାନ୍ ଦେଇଦିଅନ୍ତି ତାହେଲେ ସେମାନଙ୍କ ଉପରେ ଆକ୍ରମଣ କରିବାକୁ ବୀରତ ରହିବେ । ଯଦି ସେମାନେ ଅଜାନ୍ ନ ଦିଅନ୍ତି ତେବେ ସେମାନଙ୍କ ଉପରେ ଆକ୍ରମଣ ଯଥାଶିଘ୍ର କରାଯାଉ କିନ୍ତୁ ଯଦି ସେମାନେ ଅଜାନ୍ ଦେଇଦିଅନ୍ତି ତାହେଲେ ଯାହା ସେମାନଙ୍କ ଉପରେ କର୍ତବ୍ୟ ରହିଛି ତାହା ସେମାନଙ୍କଠାରୁ ଆଦାୟକରିବା ପାଇଁ ଡିମାଣ୍ଡ କର । ଯଦି ସେମାନେ ଅସ୍ୱୀକାର କରନ୍ତି ତାହେଲେ ସେମାନଙ୍କ ଉପରେ ଶୀଘ୍ର ଆକ୍ରମଣ କରିଦିଅ । ଯଦି ସେମାନେ ସ୍ୱୀକାର କରିନିଅନ୍ତି ତାହେଲେ ସେମାନଙ୍କଠାରୁ ଗ୍ରହଣ କରିବନିଆଯାଉ । **(ସିର୍ରୁଲ୍ ଖିଲାଫାଃ ଆରବୀ ବାକ୍ୟର ଉର୍ଦ୍ଦୁ ଅନୁବାଦ ପ୍ରକାଶକ ନିଜାରତ୍ ଇଶାଅତ୍ , ପୃ-୧୯୦-୧୯୪ ହାଶିଆ )**

ସେ ଯାହା ହେଉ ନା କାହିଁକି ଏଥି ସଂକ୍ରାନ୍ତରେ ଯଡେଁ ବିସ୍ତୃତ ବିବରଣୀ ଥିଲା ଅର୍ଥାତ ସେମାନଙ୍କ ସହିତ ଯୁଦ୍ଧ କାହିଁକି ଓ କେଉଁ ପରିସ୍ଥିତିରେ ଘଟିଲା, ସେମାନଙ୍କ ପ୍ରତି କାହିଁକି ଏପରି ବ୍ୟବହାର ପ୍ରଦର୍ଶନ କରାଗଲା ? ତାହା ଏହି କାରଣ ପାଇଁ ଯେ ସେମାନେ ଯୁଦ୍ଧଖୋର ମନବୃତି ରଖିଥିଲେ । ମୁସଲମାନମାନଙ୍କ ଉପରେ ଯୁଦ୍ଧକୁ ଥୋପିଦେଇଥିଲେ । ସେମାନେ ନା କେବଳ ଯୁଦ୍ଧ କରିଥିଲେ ବରଂ ସେମାନେ ସେମାନଙ୍କ ଇଲାକାରେ ବସବାସ କରୁଥିବା ନିରୀହ ମୁସଲମାନମାନଙ୍କ ଉପରେ ଅକଥନିୟ ଅତ୍ୟାଚାର କରିଚାଲିଥିଲେ । (ତେଣୁ ସେମାନଙ୍କ ସହିତ ଠିକ୍ ସେହିପରି ସମାନ ଆଚ୍ଚରଣ ପ୍ରଦର୍ଶନ କରିବାପାଇଁ ମୁସଲମାନ ସେନାଙ୍କୁ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ନିର୍ଦ୍ଦେଶ ଦେଇଥିଲେ, କାରଣ ସେହି ବିଧର୍ମୀ ଉପଦ୍ରବୀମାନେ କେବଳ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିନଥିଲେ ସେମାନେ ମୁସଲମାନମାନଙ୍କ ଉପରେ ଏଭଳି ଅତ୍ୟାଚାର କରିଥିଲେ ଯେପରି କି ମୁଁ ଆଲୋଚନା କରିଆସିଲି ତାହାର କୌଣସି ଦୃଷ୍ଟାନ୍ତ ନାହିଁ ।)

ଦ୍ୱିତୀୟ ପତ୍ର ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ସେହି ଅମୀର ଓ ସୈନ୍ୟଦଳର ସେନାଧିକ୍ଷମାନଙ୍କ ଆଡ଼କୁ ଲେଖିଥିଲେ ଯେଉଁମାନଙ୍କ ସଂଖ୍ୟା ଥିଲା ଏଗାର । ସେହି ଅମୀରମାନଙ୍କର ନାମ ଉପରେ ବର୍ଣ୍ଣନା ସରିଛି । ସେହି ପତ୍ର (ଚିଠି) ଏହିପରି ଥିଲା ।

**ବିସମିଲ୍ଲାଃ ହିର ରହମାନ୍ ନିର୍‌ରହିମ୍** । ଏହି ଚିଠି ଅବୁ ବକର ର ଅ ଖଲିଫତୁଲ୍ ରସୁଲ୍ ସ ଆ ସ (ଅର୍ଥାତ୍ ହଜରତ୍ ମୁହମ୍ମଦ ମୁସ୍ତଫା ସ ଆ ସଙ୍କ ଖଲିଫା ଓ ଉତରାଧିକାରୀଙ୍କ) ତରଫରୁ ଅମୁକ ଲୋକ ନିକଟକୁ ଲେଖାଯାଉଅଛି । (ଅର୍ଥାତ୍ ଏହି ଆଦେଶନାମା ହଜରତ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ତରଫରୁ ଅମୁକ ବ୍ୟକ୍ତିଙ୍କ ପାଇଁ ଲେଖାଯାଉଛି) । ଯେତେବେଳେ ହଜରତ ଅବୁ ବକର୍ ସିଦ୍ଦିକ୍ ର ଅ ଏହି ପତ୍ରକୁ ମୁସଲମାନ ସେନାଦଳ ସହିତ ବିଧର୍ମୀ ଉପଦ୍ରବୀମାନଙ୍କ ସହିତ ଲଢ଼ିବାପାଇଁ ନିର୍ଦ୍ଦେଶ ପ୍ରେରଣ କଲେ, ସେଥିରେ ସେହି ସେନାଧିକ୍ଷମାନଙ୍କୁ ତାଗିଦ୍ କରିଥିଲେ ଯେ ପ୍ରତ୍ୟେକ ପ୍ରସଙ୍ଗରେ,ଅର୍ଥାତ ପ୍ରକାଶ୍ୟରେ ଓ ଗୋପନରେ ଅଲ୍ଲାଃ ତାଲାଙ୍କ ଧର୍ମପରାୟଣତାର ମାର୍ଗକୁ ଅବଲମ୍ବନ କରନ୍ତୁ । ତାହାକୁ କଦାପି ହାତଛଡ଼ା କରିବେ ନାହିଁ । ଯଥା ସମ୍ଭବ ଅଲ୍ଲାଃ ତାଲାଙ୍କ ପ୍ରସଙ୍ଗରେ ଉଦ୍ୟମ କରିବା ନିମନ୍ତେ ଓ ସେହି ଲୋକମାନଙ୍କ ସହିତ ଜିହାଦ୍ କରିବାର ଆଦେଶ ଦେଉଛି ଯେଉଁମାନେ ଅଲ୍ଲାଃ ତାଲାଙ୍କଠାରୁ ମୁହଁ ମୋଡ଼ି ନେଇଛନ୍ତି, ସ୍ୱଧର୍ମରୁ ଓହରି ଯାଇ ଶଇତାନ୍‌ର ବଶବର୍ତି ହୋଇଯାଇଛନ୍ତି । ଅତଏବ ସର୍ବପ୍ରଥମେ ସେମାନଙ୍କ ଉପରେ ନିଜର ପ୍ରମାଣକୁ ସିଦ୍ଧ କରନ୍ତୁ । ସେମାନଙ୍କୁ ଇସ୍‌ଲାମ୍ ଆଡ଼କୁ ନିମନ୍ତ୍ରଣ କରନ୍ତୁ । ଯଦି ସେହି ବିଧର୍ମୀ ଉପଦ୍ରବୀମାନେ ଏହାର ଅବଜ୍ଞା କରନ୍ତି ବା ଏହି ଆମନ୍ତ୍ରଣକୁ ଅସ୍ୱୀକାର କରନ୍ତି ତେବେ ସେମାନଙ୍କ ସହିତ ତତ୍‌କ୍ଷଣାତ୍ ଯୁଦ୍ଧ କରନ୍ତୁ ଓ ସେମାନଙ୍କ ଉପରେ ଆକ୍ରମଣ କରିବାରେ ଶିଘ୍ରତା ଅବଲମ୍ବନ କରି ସେମାନଙ୍କୁ ସମୟ ଦିଅନ୍ତୁ ନାହିଁ । ଏପରିକି ସେମାନେ ତାଙ୍କ ସମ୍ମୁଖରେ ନଇଁ ପଡିବେ । ତାପରେ ଅମୀର ସେମାନଙ୍କର ଅଧିକାର ତଥା କର୍ତବ୍ୟବୋଧ ପ୍ରତି ସଚେତନ କରାଇବେ ଏବଂ ତାହା ସେମାନଙ୍କଠାରୁ ଆଦାୟ କରିବେ । (ଅର୍ଥାତ ଯେଉଁ ଲୋକମାନେ ସ୍ୱଧର୍ମକୁ ଫେରିଆସିବେ ସେମାନଙ୍କ ଆମନ୍ତ୍ରଣକୁ ଇସ୍‌ଲାମ୍ ଧର୍ମର ଡ଼ାକରାକୁ ସ୍ୱୀକାର କରିନେବେ ସେମାନଙ୍କ କର୍ତବ୍ୟ ସର୍ମ୍ପକରେ ଅବଗତ କରାଇବେ, ସଚେତନ କରାଇବା ଅନିବାର୍ଯ୍ୟ ହେବ )ଏବଂ ସେମାନଙ୍କର କ'ଣ କ'ଣ ସବୁ ଅଧିକାର ରହିଛି ,ସେହି ସବୁ ଅଧିକାର ମଧ୍ୟମୁସଲମାନ ସେନାଧିକ୍ଷମାନେ ସେମାନଙ୍କୁ ଫେରସ୍ତ କରାଇଦେବେ । ଆଉ ଯଦି ମୁସଲମାନମାନେ ଚିନ୍ତା କରନ୍ତି ଯେ ଏହି ଲୋକମାନେ ଏହିପରି ହିଁ ରହିବେ ଅର୍ଥାତ ସ୍ୱଧର୍ମକୁ ଫେରିବେ ନାହିଁ ,ନିଜ ଅପକର୍ମରୁ ନିବୃତ ରହିବେ ନାହିଁ ଏବଂ ମୁସଲମାନମାନଙ୍କ ସହିତ ଲଢ଼ିବାକୁ ଆଗେଇ ଆସିବେ, ତେବେ ସେମାନଙ୍କୁ ଯୁଦ୍ଧରୁ ରୋକା ନ ଯାଉ କାରଣ ମୁସଲମାନମାନଙ୍କୁ ସେମାନଙ୍କ ଶତ୍ରୁମାନଙ୍କ ସହିତ ଲଢ଼ିବାକୁ କୌଣସି ବାହ୍ୟ ଶକ୍ତି ଯେପରି ନ ଅଟକାଉ । ଏହି ଆଦେଶ ସେହି ସମସ୍ତ ଲିଡରମାନଙ୍କୁ ଦେଲେ ଯେଉଁମାନଙ୍କୁ ସେ ଅଂଚଳର ଲୋକମାନେ ଅଧିକ ଜାଣିଥିଲେ । ଅତଏବ ଯେଉଁ ବ୍ୟକ୍ତି ଅଲ୍ଲାଃ ତାଲାଙ୍କ ଆଦେଶକୁ ଗ୍ରହଣ କରିନେଲା ,ତାହାଙ୍କ ଆଜ୍ଞାପାଳନ କଲ, ତେବେ ତାହାର ସେହି କଥାଗୁଡ଼ିକୁ ସ୍ୱୀକାର ନିଆଯିବ ଓ ତାକୁ ସାହାଯ୍ୟ ସହଯୋଗ କରାଯିବ । ତାହାକୁ ସମସ୍ତ ପ୍ରକାର ଅଧିକାର ପ୍ରଦାନ କରାଯିବ ଏବଂ ତାହାର କର୍ତବ୍ୟ ସମ୍ବନ୍ଧରେ ତାକୁ ଅବଗତ କରାଯିବ । (ଯାହାକି ଇସ୍‌ଲାମ୍ ଓ ହଜରତ ମୁହମ୍ମଦ ମୁସ୍ତଫା ସ ଆ ସ ତାହା ପାଇଁ ନିର୍ଦ୍ଧାରଣ କରିଛନ୍ତି ।) ଯଦି ସେ ଅମୀରଙ୍କ ନିମନ୍ତ୍ରଣକୁ ସ୍ୱୀକାର କରେ ତେବେ ତାହା ଉପରେ କୌଣସି ପ୍ରକାରର ଅପରାଧିକ ଆରୋପ ଲଗାଯିବ ନାହିଁ । ଯଦି ସେ ସତ୍ୟକୁ ଲୁଚାଇଥିବ ତାହେଲେ ଅଲ୍ଲାଃ ତାଲା ତାହାଠାରୁ ହିସାବ ନେବେ । ସେହିପରି ଯିଏ ଅଲ୍ଲାଃ ତାଲାଙ୍କ ସନ୍ଦେଶକୁ ସ୍ୱୀକାର ନ କରୁଛି ତାହେଲେ ତାହା ସହିତ ଯୁଦ୍ଧ କରାଯାଉ ଏବଂ ସେ ଯେଉଁଠି ଥାଉ ନା କାହିଁକି ଓ ସେ କେତେବଡ ବିତଶାଳୀ (ଧନୀଲୋକ) ହୋଇଥାଉ ନା କାହିଁକି

*ଅବଶିଷ୍ଟାଂଶ ପୃଷ୍ଠା- ୬ ରେ ଦେଖନ୍ତୁ.....*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସର୍ମ୍ପକ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**